## ପଞ୍ଚମଶ୍ରେଣୀ ମେଧାବୃତ୍ତି ପାଇଲେ ସ୍ୱାଧୀନ



ରାମଚନ୍ଦ୍ରପୁର, ୨୦ ।୩(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ତାଲିକା ପ୍ରକାଶ ପାଇଛି । ସେହି କ୍ରମରେ ଘସିପୁରା ବ୍ଲକ ଅଳତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଶ୍ରୀମାନ ସ୍ୱାଧୀନ ସାହୁ ବ୍ଲକସ୍ତରରେ ଗରିବ ମେଧାବୃତ୍ତି ତାଲିକାରେ ଚତୁର୍ଥ ସ୍ଥାନରେ ରହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବା ସହ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି । ଆଜି ବିଦ୍ୟାଳୟର ଅଭ୍ୟର୍ଥନା କକ୍ଷରେ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ବେହେରା, ସହକାରୀ ଶିକ୍ଷକ କାହ୍ନୁଚରଣ ସାହୁ, ଅରୁଣକୁମାର ନାୟକ, ମନୋଜ କୁମାର ରାଉତ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସୋରେନ, ଇତିଶ୍ରୀ ମହାନ୍ତୀ, କିରଣବାଳା କର ପ୍ରମୁଖ ଉପସ୍ଥିତଥିଲେ ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




ସୋସୋ, ୨୦।୩(ସମିସ): ହାଟଡିହି ବ୍ଲକ ସଡ଼ା ପଞ୍ଚାୟତ ପାଟଜାଗୁଳାଇ ସରକାରୀ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ କୁମାର ମହାନ୍ତିଙ୍କୁ ସଡା କ୍ଲଷ୍ଟର ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସିଆରସିସି କୃଷ୍ଣଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏବିଇଓ ଚତୁର୍ଭୁଜ ପହି, ମୁଖ୍ୟବକ୍ତା ପୂର୍ବତନ ସିଆରସିସି କିଶୋର ଚନ୍ଦ୍ର ରାଉତ ଯୋଗଦେଇ ଥିଲେ । ସତ୍ୟସୁନ୍ଦର ପରିଡ଼ା ସଂଯୋଜନା କରିଥିବାବେଳେ ମଧୁସୁଦନ ଚକ୍ର ଅତିଥି ପରିଚୟ, ହେମନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ, ଆଦିକନ୍ଦ ଘଡେଇ ଶ୍ଳୋକ ପାଠ କରିଥିବାବେଳେ କୃଷ୍ଣଚନ୍ଦ୍ର ରାଉତ ମାନପତ୍ର ପଠନ କରିଥିଲେ । ଅବସର ନେଇଥିବା ଶିକ୍ଷକ ଶ୍ରୀ ମହାନ୍ତିଙ୍କର ଦାୟିତ୍ୱ ବୋଧତା, କର୍ତ୍ତବ୍ୟନିଷ୍ଠ, ଶୃଙ୍ଖଳା ଓ ଶିକ୍ଷା କ୍ଷେତ୍ରରେ ଜିଲ୍ଲା ସ୍ତରରୁ ପୁରସ୍କୃତ ଆଦି ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା । ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଅନ୍ୟ ଶିକ୍ଷକମାନଙ୍କ ପାଇଁ ଉଦାହରଣ ବୋଲି କୁହାଯାଇଥିଲା ଶ୍ରୀ ମହାନ୍ତିଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳ ତାଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ରାଉତ ଉପସ୍ଥିତ ରହିଥିଲେ । ହରିହର ପଣ୍ଡା, ଅଙ୍ଗୁରବାଳା ଖୁଣ୍ଟିଆ, ହରେକୃଷ୍ଣ ବେହେରା, ହୃଷିକେଶ ରାଉତ, ବଟକୃଷ୍ଣ ସାମଲ, ସ୍ନେହଲତା ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ମହେନ୍ଦ୍ର ରାଉତ, ବୀଜୟା କୁମାରୀ ବେହେରା, ଦେବାନନ୍ଦ ଗିରି, ଅପରାଜିତା ବିଶ୍ୱାଳ, ପିଙ୍କି ସିଦୁବ୍ ସୋରେନ, ଅର୍ପିତା ମିଶ୍ର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

## ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକ



ରାମଚନ୍ଦ୍ରପୁର, ୨୦ ।୩(ସମିସ): ଘଷିପୁରା ବ୍ଲକ ଅଧୀନ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠର ପୁରାତନ ଛାତ୍ର ତଥା ଛାତ୍ର ସଂସଦର ସଦସ୍ୟ ଦେବିପ୍ରଶନ୍ନ ସାମଲ (୪୮)ଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି । ସେ ଦୀର୍ଘ ଦିନ ହେଲା କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ତାଙ୍କ ମୃତ୍ୟୁ ଖବର ମିଳିବା ପରେ ପୁରାତନ ଛାତ୍ର ସଂସଦର ସଭାପତି ରତିକାନ୍ତ ବରାଳ, ସମ୍ପାଦକ ପ୍ରଭାତ କୁମାର ବରାଳ, ସରପଞ୍ଚ ପ୍ରିୟବ୍ରତ ବରାଳ, ପ୍ରଶନ୍ନ କୁମାର ନାୟକଙ୍କ ସମେତ ଅନେକ ପୁରାତନ ଛାତ୍ର ସମେତ ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ଭାରତଭୂଷଣ ନାୟକ, ସୁଶାନ୍ତ ବିଶ୍ୱାଳ ଏବଂ ଅନେକ ପୁରାତନ ବନ୍ଧୁ ଏବଂ ସାମ୍ବାଦିକ ତାଙ୍କ ପୈତୃକ ଗ୍ରାମ ଯାଜପୁର ଜିଲ୍ଲା ଖରଡାବନ୍ଧି ଗ୍ରାମରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଅଳତି ଡିଏନ ହାଇସ୍କୁଲରୁ ଅଧ୍ୟୟନ ପରେ ବିଦ୍ୟାଳୟର ବିଭିନ୍ନ ଉତ୍ସବ ରେ ଜଣେ ଆଗଧାଡିର ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ । ତାଙ୍କ ଅକାଳ ବିୟୋଗରେ କେନ୍ଦୁଝର ଜିଲ୍ଲା ଅଳତି, ଆନନ୍ଦପୁର ସମେତ ଯାଜପୁର ଖରଡାବନ୍ଧି ଏବଂ ଦାନଗଦୀ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ବାଙ୍ଗୋରରେ କଂଗ୍ରେସ କର୍ମୀ ସମାବେଶ

ଆନନ୍ଦପୁର, ୨୦।୩ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀର ବାଙ୍ଗୋର ଠାରେ ୩୪ନଂ ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଲକ୍ଷ୍ମୀ ପଡ଼ିଆଠାରେ ବାଲିବରେଇ, ବାଙ୍ଗୋର, ପଢ଼ିଆରିପଲି, ହଦଗଡ଼, କେ.ବାଲିପାଳ, ସୋସୋ, ଧନୁର୍ଜୟପୁର ଓ ବାଙ୍ଗୋର ପନଚାୟତର ବିଭିନ୍ନ ଗ୍ରାମରୁ ଦଳୀୟକର୍ମୀ ଓ କଂଗ୍ରେସର ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ କଂଗ୍ରେସ ନେତା ହରିହର ଜେନାଙ୍କ ସଭାପତିତ୍ୱରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇ ଦଳୀୟ କର୍ମୀମାନେ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଏବେଠାରୁ ତୃଣମୂଳସ୍ତରରେ ପ୍ରତ୍ୟେକ ପରିବାର ସହିତ ସମ୍ପର୍କ ସ୍ଥାପନ କରି ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ଜେନା, ଆନନ୍ଦପୁର ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଶିଶିର ରାଉତ, ହଳଧର ଦିଅ, ପୂର୍ଣ୍ଣଚନ୍ଦ୍ର ପାତ୍ର, ବିଦ୍ୟାଧର ନାୟକ, ଗୁଣାକର ପଦୁରିଆ, ମୁସ୍ତିକ ଅଲୀ, ବାଣ୍ଟୁ ମଲିକ ଏହି ସଭାରେ ଯୋଗ ଦେଇଥିଲେ ।

### ଅଣଦେଖା କରୁଛି ରେଳ ମନ୍ତ୍ରଣାଳୟ

# ଗୁହାଳଡିହି ରେଳ ପ୍ରକଳ୍ପ ଆନନ୍ଦପୁରକୁ ସ୍ଥାନାନ୍ତର ଦାବି

ଆନନ୍ଦପୁର, ୨୦।୩ (ସମିସ)




ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ଦାବିରେ ଆଜକୁ ୭ ବର୍ଷ ଧରି ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରି ଉପଖଣ୍ଡ ଅଧିବାସୀ ନୟାନ୍ତ ହେଲେଣି । ହେଲେ ଏହି ଦାବିପ୍ରତି କେନ୍ଦ୍ରସରକାର ଅଣଦେଖା କରୁଥିବା ବେଳେ ବାଂଶପାଳ ବ୍ଲକ ଶୁଆକାଟିରୁ କେନ୍ଦୁଝର ସଦର ବ୍ଲକ ଗୁହାଳଡିହିକୁ ରେଳପଥ ସଂଯୋଗ ପାଇଁ ରେଳବାଇ ତତ୍ପରତା ଦେଖାଇବା ସହ ବଜେଟ୍‌ରେ ଅର୍ଥବ୍ୟବସ୍ଥା କରିବା ଦୁର୍ଭାଗ୍ୟଜନକ । ୨୦୧୩-୧୪ ମସିହାରେ ରେଳବାଇ ମଞ୍ଜୁର କରିଥିବା ଯାଜପୁର କେନ୍ଦୁଝର ରୋଡ୍ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୁରଭଞ୍ଜ ଜିଲ୍ଲା ଯଶୀପୁରକୁ' ରେଳପଥ ସଂଯୋଗ ପ୍ରସ୍ତାବ ଫାଇଲ ତଳେ ଚାପି ହୋଇଯାଇଛି । ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ବହୁବାର ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ ଏଦିଗରେ କୌଣସି ବିଧିବଧ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଅଦ୍ୟାବଧି ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇ ନ ଥିବା ବେଳେ ଅନ୍ୟପକ୍ଷରେ ବିଭିନ୍ନ ମହଲରୁ ବିରୋଧ ସତ୍ତ୍ୱେ ବାଂଶପାଳ ବ୍ଲକ ଶୁଆକାଟୀରୁ କେନ୍ଦୁଝର ସଦର ବ୍ଲକ ଗୁହାଳଡିହିକୁ ରେଳପଥ ସଂଯୋଗ ପାଇଁ ରେଳବାଇ କର୍ତ୍ତୃପକ୍ଷ ପ୍ରଶାସନିକ ବଳ ପ୍ରୟୋଗ କରୁଥିବା ଚିନ୍ତାର କାରଣ ହୋଇଛି । ରେଳବାଇ କର୍ତ୍ତୃପକ୍ଷ କେନ୍ଦୁଝର ଜିଲ୍ଲାରେ କେବଳ ମାଲ ପରିବହନକୁ ଗୁରୁତ୍ୱ ଦେଉଥିବା ବେଳେ ଯାତ୍ରୀ ପରିବହନକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ଶୁଆକାଟୀସ୍ଥିତ ଗନ୍ଧମାର୍ଦନ ଖଣିରୁ କେନ୍ଦୁଝର ଜିଲ୍ଲାର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ଖଣିଜ ପରିବହନ କରି ଜିବୀକା ନିର୍ବାହ କରିଥାନ୍ତି । ଏହି ପରିବହନ ଉପରେ ନିର୍ଭର କରି ହଜାର ହଜାର ଶ୍ରମଜୀବୀ, ଡ୍ରାଇଭର, ହେଲପରଙ୍କ ପରିବାର ପ୍ରତିପୋଷଣ ହୋଇଥାନ୍ତି । ଶୁଆକାଟୀରୁ ଗୁହାଳଡିହିକୁ ରେଳପଥ ସଂଯୋଗ ହେଲେ ଜିଲ୍ଲାର ଆର୍ଥିକସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବ । ଟ୍ରକମାଲିକ ମାନଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ରେଳପଥକୁ ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ତୀବ୍ର ବିରୋଧ କରିବା ସହ କେନ୍ଦୁଝର ଜିଲ୍ଲା ବନ୍ଦ କରାଯାଇ ଏହାର ପ୍ରତିବାଦ କରାଯାଇଛି । ଲୋକଙ୍କ ବିରୋଧ ସତ୍ତ୍ୱେ କେବଳ ଖଣିଜ ପରିବହନ ପାଇଁ ଏହି ରେଳପଥ ନିର୍ମାଣ କରାଯାଉଥିବା ବେଳେ ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ । ରେଳ ବଜେଟରେ ଆନନ୍ଦପୁରକୁ ଖୁସି ଖବର ମିଳିବ ବୋଲି ଆଶା କରାଯାଉଥିଲା । ହେଲେ ଆନନ୍ଦପୁରବାସୀ ନିରାଶ ହୋଇଛନ୍ତି । ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବାର ପ୍ରସ୍ତାବ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଏହା ସମ୍ଭବ ହୋଇପାରିନାହିଁ ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ କହିଛନ୍ତି ।

## ବେଲସୁନ୍ଦରୀରେ ବାଦିପାଲା ପ୍ରସ୍ତୁତି



ରାମଚନ୍ଦ୍ରପୁର, ୨୦ ।୩(ସମିସ): ପବିତ୍ର ଦୋଳ ପୂର୍ଣ୍ଣମୀ ଅବସରରେ ମା' ତାରିଣୀଙ୍କ ବାଦୀପାଲା ମହୋତ୍ସବ ପାଇଁ ଘସିପୁରା ବ୍ଲକ ବେଲସୁନ୍ଦରି ଗ୍ରାମରେ ପ୍ରାକ୍ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ବର୍ଷ ବାଦିପାଲା ମହୋତ୍ସବରେ ଗାୟକ ପ୍ରଶନ୍ନ କୁମାର ପଟ୍ଟନାୟକ ଏବଂ ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା ପାଲା ପରିବେଷଣ କରିବେ ବୋଲି ସ୍ୱିକୃତି ପ୍ରଦାନ କରିଛନ୍ତି । ମାର୍ଚ୍ଚ ୨୩ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବରେ ବାଦିପାଲା ସହ ଭଜନ ଏବଂ ବିଭିନ୍ନ ସଂଗୀତ ପ୍ରତିଯୋଗିତା ହେବ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଉତ୍ସବ ପରିଚାଳନା ପାଇଁ ଗ୍ରାମର ଯୁବଗୋଷ୍ଠୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ବିଶ୍ୱନାଥ ମଲ୍ଲିକ, ଜିତେନ୍ଦ୍ର ସାହୁ, ଦିଲ୍ଲୀପ ସ୍ୱାଇଁ, ପ୍ରଦୀପ ସାହୁ, ଅମିୟ ସ୍ୱାଇଁ, ଅମର ମଲ୍ଲିକ, ଅନନ୍ତ ନାରାୟଣ ସାହୁ, ରାଜେଶ ମଲ୍ଲିକ, ଏବଂ କମିଟି ପରାମର୍ଶଦାତା ତଥା ଗ୍ରାମର ବୟଜ୍ୟେଷ୍ଠ ମିରବୀ ସୋମନାଥ ମଲ୍ଲିକ, ଦିଗମ୍ବର ସାହୁ, ନୃସିଂହ ମଲ୍ଲିକ, ଅରୁଣ ସାହୁ, ଗୋବର୍ଦ୍ଧନ ସ୍ୱାଇଁ, ବଳରାମ ସାହୁ, ରଘୁନାଥ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ

ବଡ଼ବିଲ, ୨୦ ।୩(ସମିସ)



ଓଡ଼ିଶାର ପାରମ୍ପାରିକ ଖାଦ୍ୟକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ନିମନ୍ତେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଛି । ଏହି କ୍ରମରେ ବଡବିଲର ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀ ଓ ସାହିତ୍ୟ ଘର ପକ୍ଷରୁ ଆଜି ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ବଡବିଲସ୍ଥିତ ପିଏଚ୍‌ଡି ରୋଡରେ ଅବସ୍ଥିତ ନିଳାଦ୍ରୀ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ନିଆରା ରୂପରେ ପଖାଳ ଦିବସ ପାଳନ କରାଯାଇଛି । ଅତିଥି ମାନେ ପ୍ରଥମେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଲା ପାରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଅନୁଷ୍ଠାନର ସଭାପତି ଶାନ୍ତନୁ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ କାର୍ଯ୍ୟକ୍ରମରେ ଓଡ଼ିଶା ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଅବନିକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜସେବୀ ବିଦ୍ୟାଧର ପଲେଇ ଓ ଡ. ସୁବେଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଜକିଶୋର ଦାସ ଅତିଥି ମାନଙ୍କ ସହ ପଖାଳର ମାହାତ୍ମ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଥିଲା । ସେହିପରି ସାହିତ୍ୟ ଘର ପରିସରରେ ପଖାଳ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସାହିତ୍ୟ ଘରର ଆବାହକ ସୁବୋଧ ଦାସଙ୍କ ଦ୍ୱାରା ଅତିଥି ପରିଚୟ କରାଇବା ସହ ସେମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ସଭାପତି ପ୍ରତାବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡବିଲ ପୌରାଧ୍ୟକ୍ଷ ଲଛମନ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବଦବିଲ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅସିତ ପ୍ରଧାନ ମୁଖ୍ୟବକ୍ତା ଓ ପୂର୍ବତନ ପୌରାଧ୍ୟକ୍ଷ ଦଲୀପ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ପଖାଳ ସମ୍ବନ୍ଧୀୟ ଏକ ସୁନ୍ଦର କବିତା ପାଠ କରିଥିଲେ ।

### ■ ରେଡ୍‌କ୍ରସ୍ ପକ୍ଷରୁ ବାର୍ଷିକ ପ୍ରମାଣପତ୍ର ବଣ୍ଟନ ଦିବସ

## 'ଉତ୍ସର୍ଗୀକୃତ ମନୋଭାବ ନେଇ ସେବା କରିବାକୁ ପରାମର୍ଶ'

ପାଟଣା, ୨୦ ।୩(ସମିସ)

ପାଟଣା ବ୍ଲକ ଅଧୀନ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ବାହିନୀ ତରଫରୁ ବାର୍ଷିକ ପ୍ରମାଣପତ୍ର ପ୍ରଦାନ ଦିବସ ଯୁବ ରେଡକ୍ରସ ମାର୍ଗଦର୍ଶକ ସନ୍ତୋଷ କୁମାର ସେନାପତିଙ୍କ ସଂଯୋଜନାରେ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଯୁବ ରେଡକ୍ରସ ମାର୍ଗଦର୍ଶକ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଜୁନିୟର ରେଡକ୍ରସ ମାର୍ଗଦର୍ଶିକା ତୃପ୍ତିମୟୀ ବାରିକ ଓ ମୁଖ୍ୟବକ୍ତା ଯୁବ ରେଡ୍‌କ୍ରସ ଜିଲ୍ଲା ସଂଯୋଜକ ତଥା ସନ୍ତୋଷୀ ମା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ ଯଥାକ୍ରମେ ଯୋଗଦେଇ ଶୃଙ୍ଖଳାର ସହ ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜ ସେବା କରି ଚାଲିଲେ ନିଜ ବ୍ୟକ୍ତିତ୍ୱର ବିକାଶ ସହ ସମାଜ ତଥା ରାଷ୍ଟ୍ରର କଲ୍ୟାଣରେ ସହଯୋଗୀ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ । ବର୍ଷତମାମ ଯୁବ ରେଡକ୍ରସ କ୍ଷେତ୍ରରେ କାର୍ଯ୍ୟ କରିଥିବା ଓ ଏହାର ସିକୃତି ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରଯାଇଥିଲା ।




୨୦୨୩-୨୪ ଶିକ୍ଷା ବର୍ଷରେ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ପାଇଁ ପଙ୍କଜ କୁମାର ସେଠୀ, ଇନ୍ଦୁମତି ମହାକୁଡ ଓ ରୋଜାଲିନ ମହାନ୍ତଙ୍କୁ ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସହ, ଯୁବ ରେଡକ୍ରସ ମାର୍ଗଦର୍ଶକ ସନ୍ତୋଷ କୁମାର ସେନାପତି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ନିକଟରେ କୃତଜ୍ଞତା ଜଣାଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥଲେ । ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସର୍ବଶ୍ରୀ ଦଶରଥ ସାହୁ, ଯଯାତି ସାହୁ, ମିତ୍ରଭାନୁ ମହାନ୍ତ, ସନ୍ଦୀପ କୁମାର ମହାନ୍ତ, ସମରେନ୍ଦ୍ର ମହାନ୍ତ, ଅର୍ଜୁନ ଚନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ ।

## ବନ୍ଧୁକ ଗୁଳି କିଣିବାକୁ ଯାଇ ଗନ୍‌ମ୍ୟାନ୍ ନିଖୋଜ

ତୁତୁମୁଣ୍ଡା, ୨୦ ।୩(ସମିସ)

କେନ୍ଦୁଝର ଜିଲ୍ଲା ବାରିଆ ଥାନା ବଣକାଟି ଗ୍ରାମର ବିଭୀଷଣ ମହାନ୍ତ (୫୦) ଗତ ୧୪ ତାରିଖ ଠାରୁ ରାଉରକେଲାରୁ କଟକକୁ ଗୁଳି କିଣିବାକୁ ଯାଇ ଆଉ ଫେରି ନାହାନ୍ତି । ତାଙ୍କ ମୋବାଇଲ ଫୋନ୍ ବନ୍ଦ ଯୋଗୁଁ ପରିବାର ଲୋକଙ୍କ ସହ ଯୋଗାଯୋଗ ହୋଇ ପାରୁନାହିଁ । ଫଳରେ ପରିବାର ଲୋକେ ଏବେ ଚିନ୍ତାରେ ପଡ଼ିଛନ୍ତି । ବିଭୀଷଣ ରାଉରକେଲାସ୍ଥିତ କୁଆଁରମୁଣ୍ଡା ଠାରେ ଥିବା ଏକ କମ୍ପାନୀରେ ଏସ୍‌ଆଇଏସ୍ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଗନ୍ ମ୍ୟାନ୍ ଭାବରେ କାମ କରୁଥିଲେ । ଗତ ୧୪ ତାରିଖ ଠାରୁ ସେ କଟକକୁ ବନ୍ଧୁକ ଗୁଳି କିଣିବାକୁ ଯାଇଥିଲ୍ୟେ ଗୁଳି କିଣି ସାରି ତା ପରଦିନ କଟକ ରୁ ବାହାରିଥିବା ନେଇ ପରିବାର ଲୋକଙ୍କ ସହ ମୋବାଇଲରେ କଥା ହୋଇଥିଲେ । ପରେ ତାଙ୍କ ମୋବାଇଲ ବନ୍ଦ ରହିଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ । ପରିବାରଲୋକେ ବାରିଆ ଥାନାରେ ଅଭିଯୋଗ ପାଇଁ ଯାଇଥିଲେ ହେଁ ତାଙ୍କ ନିଖୋଜ ମାମଲା ପୁଲିସ ରଖି




ନ ଥିବା ନିଖୋଜ ବିଭୀଷଣ ମହାନ୍ତଙ୍କ ପତ୍ନୀ ଚମ୍ପାବତୀ ମହାନ୍ତ କହିଛନ୍ତି । ଏ ସମ୍ପର୍କରେ ବାରିଆ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନଥିବା ଯୋଗୁଁ ପ୍ରତିକ୍ରିୟା ମିଳି ପାରିନାହିଁ ।

## ସୁଧୁରୁନି ଆନନ୍ଦପୁର ମୁଖ୍ୟ ଡ୍ରେନ୍ ସମସ୍ୟା

ଆନନ୍ଦପୁର, ୨୦ ।୩(ସମିସ)

ଆନନ୍ଦପୁରର ମୁଖ୍ୟ ଡ୍ରେନକୁ ନେଇ ଲାଗିରହିଥିବା ସମସ୍ୟାର ସମାଧାନ ଦିଗରେ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଏହି ମୁଖ୍ୟ ଡ୍ରେନକୁ ନିୟମିତ ସଫା ନ କରିବା ଫଳରେ ସବୁ ସମୟରେ ଅଳିଆ ଆବର୍ଜନା ଜମି ରହି ଡ୍ରେନ ପୋତି ହେବାକୁ ବସିଛି । ଫଳରେ ଡ୍ରେନରେ ଜଳ ସଠିକ୍ ଭାବେ ନିର୍ଗତ ହୋଇ ନ ପାରି କେଉଁଠି ରାସ୍ତା ଉପରେ ଜଳ ଭାସୁଛି ତ ଆଉ କେଉଁଠି ଘରେ ପାଣି ପଶି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି । ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷାରେ ଆନନ୍ଦପୁରର ଏହି ମୁଖ୍ୟ ଡ୍ରେନର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ବର୍ଷା ଜଳରେ ଡ୍ରେନର ଜଳ ଉଛୁଳି ବଡଦାଣ୍ଡ ଠାରେ ଥିବା ହନୁମାନଙ୍କ ମନ୍ଦିର ସମ୍ମୁଖରେ କୁଢ଼ କୁଢ଼ ଅଳିଆ ଜମା ରହିବା ସହିତ ରାସ୍ତାର ଅଧିକାଂଶସ୍ଥାନରେ ଅଳିଆ ଆବର୍ଜନା ସବୁ ଜମା ହୋଇରହିଥିଲା । ଏଭଳି ଅସ୍ୱଚ୍ଛ ପରିବେଶକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ନିକଟରେ ଏହି ମୁଖ୍ୟ ଡ୍ରେନରର ଦଶରାପଦା ସାହି ଠାରେ ଜଣେ ଯୁବକ ଡ୍ରେନ୍ ପଡ଼ି ଜୀବନ ଯିବା ଭଳି ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା । ଗତବର୍ଷ କାଳବୈଶାଖୀ ପ୍ରଭାରେ ହୋଇଥିବା ବର୍ଷାରେ ୭ନଂ ଓାର୍ଡ଼ ଦଶରାପଦା ସାହିରେ ଲୋକମାନଙ୍କ ଘର ଭିତରେ ପାଣି ପଶି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିଥିଲା । ଫଳରେ ତତ୍କାଳୀନ ସମୟରେ ୭ ନଂ ଓାର୍ଡ଼ର କାଉନସିଲର ପୌରକାର୍ଯ୍ୟାଳୟ ସମ୍ମୁଖରେ ସମସ୍ୟାର ସମାଧାନ ଦାବି କରି ଧାରଣାରେ ବସିଥିଲେ । ଇତିମଧ୍ୟରେ ବର୍ଷେ ଅତିକ୍ରାନ୍ତ କରିଥିଲେ ବି ମୁଖ୍ୟ ଡ୍ରେନ୍‌କୁ ଆଧାର କରି ସୃଷ୍ଟି ହୋଇଥିବା ସମସ୍ୟା ଅଦ୍ୟାବଧି ସମାଧାନ ହୋଇପାରିନଥିବା ଦେଖିବାକୁ ମିଳିଛି । ଆଗକୁ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ବାକି ଥିବାବେଳେ ଡ୍ରେନକୁ ଆଧାର କରି ଲୋକମାନେ କି ସମସ୍ୟା ଭୋଗୁଛନ୍ତି ଦେଖିବାକୁ ବାକି ରହିଛି ।



# କାଳବୈଶାଖୀ ବର୍ଷା ଉଜାଡ଼ିଲା ପରିବା ଚାଷ

# ଚିନ୍ତାରେ ଚାଷୀ











**ଔପଦା, ୨୦।୩ (ସମିସ):** ବର୍ଷା ଧୋଇ ନେଲା ଚାଷୀର ଖୁସି। କାଳବୈଶାଖୀ ଜନିତ ୩ ଦିନ ଧରି ଲଗାଣ ବର୍ଷା ଚାଷୀ କୂଳକୁ ହତାଶ କରିଛି। ଫସଲ ନଷ୍ଟ ଚାଷୀର ଚିନ୍ତାର ବିଷୟ ପାଲଟିଛି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ତଳକିଆ ପଞ୍ଚାୟତ ମାଟିଗଡ଼ା ଓ ପ୍ରତାପପୁର ଗ୍ରାମର ୧୩ ରୁ ଉର୍ଦ୍ଧ ଚାଷୀଙ୍କ ରବି ଫସଲ କାଳ ବୈଶାଖୀ ଜନିତ ଲଗାଣ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଦେଖିବାକୁ ମିଳିଛି। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ଏହି ଚାଷୀମାନେ ନିଜ ନିଜ କ୍ଷେତ ରେ ବୋଇତାଳୁ, ବିଲାତି, ବାଇଗଣ, ଭେଣ୍ଡି, ଜହ୍ନି, ପୋଟଳ, ମକା, ଲଙ୍କା, ଲାଉ, ତରଭୁଜ, ପିଆଜ, ମୁଗ ଓ ବିରି ଆଦି ଚାଷ କରିଥିଲେ। ଏହି ଚାଷ କରି ହିଁ ଏମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ପ୍ରତ୍ୟେକ ଦିନ କ୍ଷେତ ରୁ ଉତ୍ପାଦିତ ପନି ପରିବା ସ୍ଥାନୀୟ ଔପଦା ବଜାର ରେ ବିକ୍ରି କରି ନିଜ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ତିନି ଦିନ ଧରି ଲଗାଣ ବର୍ଷାରେ କ୍ଷେତରେ ପାଣି ପଶି ଫସଲ ନଷ୍ଟ କରି ଦେଇଛି। କ୍ଷେତରୁ ଯେତେ ପାଣି ନିଷ୍କାସନ କଲେ ମଧ୍ୟ ପାଣି ଜମି ରହୁଛି। ପନି ପରିବା ପଚି ନଷ୍ଟ ହେବାକୁ ଲାଗିଛି। ବିଭାଗୀୟ ଅଧିକାରୀ ମାନଙ୍କର ଏଥି ପ୍ରତି ନଜର ନାହିଁ। ବର୍ଷା ଯୋଗୁଁ ଏହି ପନି ପରିବା ବଜାରରେ ବିକ୍ରି ହେଉନାହିଁ।ଏହି ରବିଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀ ମାନଙ୍କ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଚାଷୀ ଲକ୍ଷ୍ମୀଧର ପୁଷ୍ଟି, ଗୋବିନ୍ଦ ପୁଷ୍ଟି, ମନ ମୋହନ ପୁଷ୍ଟି, ଗଜେନ୍ଦ୍ର ବେହେରା, ଚକ୍ରଧର ବେହେରା, କୈଳାଶ ପୁଷ୍ଟି, ବନମାଳୀ ପୁଷ୍ଟି, ଗଙ୍ଗାଧର ପୁଷ୍ଟି, ରାମ ଚନ୍ଦ୍ର ପୁଷ୍ଟି, ପୂର୍ଣ୍ଣ ଚନ୍ଦ୍ର ପୁଷ୍ଟି, ଗୋପୀନାଥ ବେହେରା, ମକର ବେହେରା ଓ ଭାଗବତ ବେହେରା ପ୍ରମୁଖ ଦାବି କରିଛନ୍ତି।

**ଚନ୍ଦନେଶ୍ୱର :** ଭୋଗରାଇ ବ୍ଲକ ଟୁକୁରୀହାଜିରା, ନାରାୟଣ ମହାନ୍ତି ପଡ଼ିଆ, ଶ୍ରଦ୍ଧାପୁର, କାନ୍ଠିଥଉଡ଼ଁରୀ, ଶଙ୍ଖାରୀ, ହୁଗୁଳି, ଜଗନ୍ନାଥପୁର, ପସରବିନ୍ଧା, ପଞ୍ଚାୟତରେ ଚାଷୀ ଚିନ୍ତାରେ। ଋଣ ଆଣି କରିଥିଲେ ଚାଷ। କିନ୍ତୁ ଅଦିନିଆ ବର୍ଷା ଯୋଗୁଁ କ୍ଷତିର ଆଶଙ୍କାରେ ଚାଷୀ। ଅଦିନିଆ ବର୍ଷାରେ ବେହାଲ ହୋଇ ସରକାରୀ ସହାୟତା ଲୋଡ଼ିଛନ୍ତି ଚାଷୀକୂଳ। ୩ ଦିନ ଧରି ଚାଲିଥିବା ଲଗାଣ ବର୍ଷାରେ ଫସଲ କ୍ଷୟକ୍ଷତି ପାଇଁ ସେମାନେ ଚିନ୍ତାରେ ଅଛନ୍ତି। ଲଗାଣ ବର୍ଷାରେ ଉଜୁଡ଼ିଯାଇଛି କଲରା, ଜହ୍ନି, ପୋଟଳ, କାକୁଡି, ଚିନାବାଦାମ, ତରଭୁଜ, ଧାନ, ପାନ, ଭେଣ୍ଡି, ବାଇଗଣ, ଝୁଡୁଙ୍ଗ, କୋବି, କଖାରୁ ଓ ଟମାଟ ଭଳି ପନିପରିବା ଚାଷ କରିଥିବା ଚାଷୀଙ୍କ ଦୁଃଖ ବେଶ ବଢ଼ିଯାଇଛି। କିଛିଚାଷୀ ଋଣ ଆଣି ଚାଷ କରିଥିଲେ। ଏବେ ପରିବାର କିପରି ପ୍ରତିପୋଷଣ କରିବେ ଏବଂ ଋଣ କିପରି ସୁଝିବେ ସେ ନେଇ ଚିନ୍ତାରେ ଚାଷୀକୂଳ। ଗାଁରେ ଚାଷୀମାନେ ପ୍ରତିବର୍ଷ ପରି କ୍ଷେତରେ ବିଭିନ୍ନ ପନିପରିବା ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଏବେ ଅଦିନିଆ ବର୍ଷାରେ ଫସଲ ଉଜୁଡ଼ିଯାଇଛି। ଲଗାଣ ବର୍ଷା ଯୋଗୁଁ କ୍ଷେତରେ ପାଣି ଜମି ରହିଥିବାରୁ ପନିପରିବା ପଚି ନଷ୍ଟ ହେବାକୁ ଲାଗିଛି। ଚାଷୀ ସମବାୟ ସମିତିରୁ ଋଣ ଆଣି ଚାଷ କାର୍ଯ୍ୟରେ ବିନିଯୋଗ କରିଥିବା ବେଳେ ବର୍ତ୍ତମାନ ଉକ୍ତ ଋଣ ପରିଶୋଧ କିଭଳି କରିବେ ତଥା ବର୍ଷ ଯାକ ପରିବାରର ପେଟ କିଭଳି ପୋଷିବେ, ସେନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ତୁରନ୍ତ ଏଦିଗରେ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

**ବାଲେଶ୍ୱର ଉତ୍ତର :** ଭୋଗରାଇ ବ୍ଲକର ବିଭିନ୍ନ ସ୍ଥାନରେ ଗତ ୨୪ଘଣ୍ଟା ମଧ୍ୟରେ ଅଦିନିଆ କାଳ ବୈଶାଖୀରେ ଉଜୁଡି ଯାଇଛି ଚାଷୀଙ୍କ ପରିବା ଚାଷ। କାଳ ବୈଶାଖୀ ଜନିତ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଚାଷ ଜମିରେ ପାଣି ଜମିଯିବାରୁ ସମସ୍ତ ପନି ପରିବା ପଚିସଢ଼ି ନଷ୍ଟ ହୋଇଯାଇଛି। ଫଳରେ ଏବେ ପରିବା ଚାଷୀ ମାନେ ଚିନ୍ତାରେ ପଡ଼ିଛନ୍ତି। ଅମଳ ବେଳେ ଏଭଳି କାଳ ବୈଶାଖୀ ବର୍ଷା ରେ ପନି ପରିବା ନଷ୍ଟ ହୋଇଥିବାରୁ ଏବେ ସରକାରି ସହାୟତା କୁ ଅପେକ୍ଷା କରିଛନ୍ତି ଚାଷୀ। ପ୍ରକାଶ ଯେ ଏହି ବ୍ଲକ ଖରିଦପିପଳ ଓ ଆରୁହାବୃତ୍ତି-୧ ପଞ୍ଚାୟତର ହରିଣକୁଲି, ଖରିଦ ପିପଳ, ଦହମୁଣ୍ଡା, ଆରୁହାବୃତ୍ତି, ନଥିପୁର, ମନୁନଗର ଇତ୍ୟାଦି ଗାଁର ଏକର ଏକର ସବୁଜ ମୟ କ୍ଷେତରେ ଫଳିଥିବା ବାଇଗଣ ଭେଣ୍ଡି, କଲରା, ପିଆଜ, ବାଦାମ, ମୁଗ, ସୂର୍ଯ୍ୟ ମୁଖୀ ଉଜୁଡି ଯାଇଛି। ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ। ବର୍ଷା ମାଡରେ ଏବେ ଅଲୋଡା ହୋଇଛି ସମସ୍ତ ପନିପରିବା। କୃଷି ବିଭାଗ ଏହାକୁ ତଦନ୍ତ କରି ସହାୟତା ଯୋଗାଇ ଦେବା ପାଇଁ ଚାଷୀ ମାନେ ଦାବି କରିଛନ୍ତି।

**ରାଇବଣିଆ :** ଗତ କିଛିଦିନ ଧରି ଉତ୍ତର ବାଲେଶ୍ୱରରେ କାଳବୈଶାଖି ପ୍ରଭାବରେ ପ୍ରବଳ ଝଡବର୍ଷା ଲାଗି ରହିଥିବାରୁ ଜଳେଶ୍ୱର ଅଞ୍ଚଳରେ ପରିବା, ଡାଲି ଓ ତୈଳବୀଜ ଚାଷର ବ୍ୟାପକ କ୍ଷୟକ୍ଷତି ହୋଇଛି।। ଏହି କ୍ଷତି ପୂରଣ ପାଇଁ କୃଷି ବିଭାଗ ତଦନ୍ତ ଲାଗି ଚାଷୀମାନେ ଦାବି କରିଛନ୍ତି। ତଥ୍ୟ ଅନୁଯାୟୀ ଜଳେଶ୍ୱର ୧୭ ୬୩୬ ହେକ୍ଟର ଜମିରେ ବିଭିନ୍ନ ଚାଷ ରବି ଋତୁରେ ପରିବା, ଡାଲି ଓ ତୈଳବୀଜ ଫସଲ କ୍ଷତି ଆଶଙ୍କା ହୋଇଛି। ଗତ କିଛିଦିନ ଧରି କାଳବୈଶାଖୀର ବର୍ଷା ଲାଗି ରହିଥିବାରୁ ଅନ୍ୟୁନ ୭୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ରବି ଋତୁରେ ବ୍ୟାପକ ଚାଷ କ୍ଷତି ହେବାର ଆଶଙ୍କା ଦେଖା ଦେଇଛି। କିନ୍ତୁ ଅଦିନିଆ ବର୍ଷାଯୋଗୁଁ ଜମିରେ ପାଣି ବୁଡ଼ି ହୋଇ ରହିଛି। ପାଣି ନିଷ୍କାସନ ହେଉ ନ ଥିବାରୁ ମୁଗ, ବିରି ସୋରିଷ, ତିଳ, ପରିବା, ଚିନାବାଦାମ, ତରଭୁଜ ଗଛ ଗୁଡିକ ଝାଉଁଳି ପଡ଼ିଛି। ବାଇଗଣ, ପୋଟଳ, କଲରା, ମୁଗ, ବିରି, ଧଣିଆ, ତରଭୁଜ ଇତ୍ୟାଦିର କ୍ଷତି ସର୍ବାଧିକ ଆଶା କରାଯାଇଛି। ସେହିପରି ଖୁଆଡ, ଶ୍ୟାମ ନଗର, ଗୋବରଘୋଟା, ଶିଖରପୁର, ଚମାଗାଁ, ରାୟ ରାମଚନ୍ଦ୍ରପୁର, କୋଟସାହି, ପାଇକସିଧା, ପଶ୍ଚିମବାର୍ଡ, ବାଇଗଣବାଡିଆ, ଝାଡ଼ପିମ୍ପଲ, ଗଡ଼ସାହି ବାଲିଆପାଳ, ରାଜପୁର, ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜ ପୁର, ଲକ୍ଷ୍ମଣ ନାଥ, ମାକିଡିଆ, କେଏମସାହି, ଓଲମରା ପଞ୍ଚାୟତ ଗୁଡିକ ସୁବର୍ଣ୍ଣରେଖା ରେ କୂଳରେ ଅବସ୍ଥିତ। ଏ ସମ୍ପର୍କରେ ପଞ୍ଚାନନ ବେହେରା, ତପନ ସାହୁ, ନିର୍ମଳ ଘୋଷ, ଲୋଜେସ ମହାନ୍ତ, ପ୍ରଫୁଲ୍ଲ ଘୋଷ, ସଞ୍ଜୟ ପାତ୍ର, କୃପାସିନ୍ଧୁ ବେହେରା, ହରେନ୍ଦ୍ର ବେହେରା, ଭୂପତି ମହାଲ, ଶରତ ମହାନ୍ତି, ବିଭୂତି ମହାନ୍ତ, ଭୀମ ରଣା, ଅଶ୍ରୁମୋଚନ ଘୋଷ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ କୃଷି ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କରି କ୍ଷତି ଆକଳନ ପାଇଁ ଦାବି କରିଛନ୍ତି।

**ଚୌକି :** ଚିନାବାଦାମ ଚାଷ ଗଛ ଉପରେ ପାଣି ଜମିଯାଇଥିବାରୁ ଫସଲ ସମ୍ପୂର୍ଣ୍ଣ ସଡ଼ି ଯିବାର ଆଶଙ୍କା ରହିଛି। ଫଳରେ ମଥାରେ ହାତଦେଇ କାନ୍ଦୁଛନ୍ତି ଚିନାବାଦାମ ଚାଷୀ। ଚିନାବାଦାମ ଏକ ଅର୍ଥ କାରୀ ଫସଲ ହୋଇଥିବାରୁ ଭୋଗରାଇ ବ୍ଲକର ଜଳେଶ୍ୱରପୁର, ମନ୍ଦାର ସାହି, ପାଣିସଣ୍ଢା, ସୁହୁରିଆ, ହୁଗୁଳି, ଶ୍ରଦ୍ଧାପୁର, ଶଙ୍ଖାରି, ଗୁଛିଦା ତେଘରି ଇତ୍ୟାଦି ପଞ୍ଚାୟତର ଶହ ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ ହୋଇଥିଲା। ଚଢ଼ା ଦରରେ ବିହନ, ସାର କିଣିବା ସହ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଷୀ ମାନେ ଚାଷ କରିଥିଲେ। ଚାଷ ମଧ୍ୟ ଭଲ ହୋଇଥିଲା। ଚାଷୀମାନେ କ୍ଷେତରେ ଅନାବନା ଘାସ ଗଛ ଉପାଡ଼ି ଚିନା ବାଦାମ ଗଛ ମୂଳ କୋଡା ଖୋସା ମଧ୍ୟ ସରିଥିଲା। କିନ୍ତୁ ଏହି ଅଦିନିଆ ବର୍ଷା ସବୁ ନଷ୍ଟ କରିଦେଲା। ଏବେ ଚାଷ ଜମିରେ ପାଣି ଜମିରହି ଥିବାରୁ ଚିନାବାଦାମ ଗଛ ସଢ଼ିଯାଇ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚାଷୀମାନେ ଋଣ କରି ଚାଷ କରିଥିଲେ। ଏବେ ଚାଷ ନଷ୍ଟ ହୋଇଥିବାରୁ ସେମାନେ ମୁଣ୍ଡରେ ହାତଦେଇ କାନ୍ଦୁଛନ୍ତି।

**ସୋର :** ଅଦିନିଆ ଲଗାଣ ବର୍ଷା ଫଳରେ ସୋର ବ୍ଲକର ବିଭିନ୍ନ ଗ୍ରାମରେ ପରିବା ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସୋର ଅଞ୍ଚଳ ବିଶେଷ କରି ପରିବା ଚାଷ ପାଇଁ ଜଣାଶୁଣା। ନଈ ଓ ପାହାଡ କୂଳିଆ ଗ୍ରାମରେ ବ୍ୟାପକ ପରିବା ଚାଷ ହେଉଥିବା ବେଳେ ପରିବା ଚାଷ କରି ଚାଷୀମାନେ ବେଶ୍ ଲାଭବାନ ହୋଇଥାନ୍ତି। ସୋରରୁ ପରିବା ବାଲେଶ୍ୱର, କଟକ ଏବଂ ଭୁବନେଶ୍ୱର ସହରକୁ ଚାଲାଣ ହୋଇଥାଏ। ମାତ୍ର ଚଳିତ ଲଘୁଚାପ ବର୍ଷାରେ ଫସଲ ହାନୀ ଘଟି ଚାଷୀର ମେରୁଦଣ୍ଡ ଭାଙ୍ଗି ଆର୍ଥିକ ସଂକଟରେ ପଡ଼ିଛି। ଏ ଅଞ୍ଚଳର ଚାଷୀମାନେ ଖରିଫ ଫସଲର କ୍ଷତି ଭରଣା କରିବାକୁ କ୍ଷତି ସହିବା ସହ ଶୀତ ଦିନିଆ ପରିବା ଚାଷରେ ଧାର କରଜ କରି କୋବି, କାକୁଡି, ଜହ୍ନି, ସାଗ, କଲରା, ବୁଇତାଳୁ, ବାଇଗଣ, ଟମାଟୋ, ଭେଣ୍ଡି, ଝୁଡଙ୍ଗ, ଗାଜର ଆଦି ପନିପରିବା ଲଗାଇଥିଲା। ଅଦିନିଆ ପ୍ରବଳ ବର୍ଷାରେ ଏହି ପରିବା ପଚି ନଷ୍ଟ ହେବାରେ ଲାଗିଛି। ଏହି ବ୍ଲକର ଖୁଣ୍ଟା, ମାଣିପୁର, ମଙ୍ଗଳପୁର, ଦିଗିଭଅଁରା, ବାଗୁଡ଼ି, ଅନନ୍ତପୁର, ମୁଳିଶିଂ, ନୂଆଗାଁ, ପାଖର ଆଦି ବହୁ ଗ୍ରାମରେ ୨ ଦିନର ଅଦିନିଆ ବର୍ଷା ବ୍ୟାପକ କ୍ଷତି ପହଞ୍ଚାଇଛି। ପୂର୍ବରୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ସହି ସରକାରୀ କ୍ଷତିପୂରଣ ପାଇନଥିବା ଚାଷୀ ଏବେ ୨ ଦିନର ବର୍ଷା ପ୍ରଭାବରେ ଭାଙ୍ଗି ପଡ଼ିଛି। କୃଷି ଓ ଉଦ୍ୟାନ ବିଭାଗ ତରଫରୁ ତୁରନ୍ତ ଫସଲର କ୍ଷୟକ୍ଷତି ଆକଳନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଗିରଫ

**ସୋର, ୨୦।୩(ସମିସ):** ସୋର ବ୍ଲକ ଆଟପୁର ପଞ୍ଚାୟତର ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ନାବାଳିକାକୁ ତୁଡିଗଡ଼ିଆ ତେନ୍ତୁଳିପଦା ଗ୍ରାମର ମୀର ଫୟାଜୁଦ୍ଦିନ (୨୪) ଅପହରଣ କରିନେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୂଳେ ପୁଲିସ ୧୨୧/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ଭୋର ସମୟରେ ପୁଲିସ ଫୟାଜୁଦ୍ଦିନ ଘରେ ଚଢ଼ାଉ କରି ତାକୁ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ତାର ଡାକ୍ତରୀ ମାଇନା ପରେ ପୁଲିସ ବାଲେଶ୍ୱର ପୋକସୋ କୋର୍ଟକୁ ଚାଲାଣ କରିଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ସୋର, ୨୦।୩(ସମିସ):** ସୋର ବ୍ଲକ କେଦାରପୁର ପଞ୍ଚାୟତ ଘାସୁଆ ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ବାପ ଘର ଲୋକେ ଆଜି ସୋର ଥାନାରେ ଅଭିଯୋଗ କରିଛନ୍ତି। ଘାସୁଆ ଗ୍ରାମର ଭରତ ନାୟକଙ୍କ ସ୍ତ୍ରୀ ସବିତା ନାୟକ ଗତକାଲି ରାତିରେ ବିଷ ପିଇଦେଇଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସବିତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ସବିତାଙ୍କୁ ଅଧିକ ଯୌତୁକ ଦାବି କରି ତାଙ୍କ ଶ୍ୱଶୁର ଘର ଲୋକେ ବିଷ ପିଆଇ ମାରି ଦେଇଥିବା ନେଇ ସବିତାଙ୍କ ବାପା ଅନିରୁଦ୍ଧ ବିଶ୍ୱାଳ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସୋର ପୁଲିସ ଏକ ମାମଲା ରୁଜୁ କରି ବାଲେଶ୍ୱର ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଳଙ୍କାର ୱାର୍କସପ୍‌ରୁ ଚୋରି, ଅଭିଯୁକ୍ତ ଗିରଫ



**ସୋର, ୨୦।୩(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଅଡ଼ଙ୍ଗବଜାରରେ ଦୁଇଟି ଅଳଙ୍କାର ୱାର୍କସପରୁ ସୁନାରୁପା ଗହଣା ଚୋରି ଘଟଣାରେ ସୋର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ସୋମବାର ବିଳମ୍ବିତ ରାତିରେ ଏହି ବଜାରରେ ଥିବା ଲମ୍ବୋଦର ରଣା ଏବଂ ଅଜୟ ରଣାଙ୍କ ଅଳଙ୍କାର ୱାର୍କସପର ଚାବି ଭାଙ୍ଗି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୁଲିସ ୨୨୫/୨୪ ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ପଠାଣ ମହଲ୍ଲା ଗ୍ରାମର ସେକ ଅହମଦକୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରିଥିଲା। ଆଜି ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ପୁଲିସ ତା ନିକଟରୁ ଚୋରି ଅଳଙ୍କାରକୁ ଉଦ୍ଧାର କରିଛି।

## ଆପୋଲୋ କ୍ଲିନିକ୍ ଉଦ୍‌ଘାଟନ ସହ ରକ୍ତଦାନ ଶିବିର



**ଜଳେଶ୍ୱର ବ୍ଲକ, ୨୦।୩ (ସମିସ) :** ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରଥମ ଥର ଉନ୍ନତ ମାନର(ଏନଏବିଏଲ) ମାନ୍ୟତା ପ୍ରାପ୍ତ ହାଇଜେନିକ୍ ଆପୋଲୋ କ୍ଲିନିକ୍ ଉଦଘାଟିତ ହୋଇ ଯାଇଛି। ରାଜପୁର ଗେରେଜ ବଜାରସ୍ଥିତ ହିରୋ ଶୋରୁମ ଠାରେ ବୁଧବାର ପୂର୍ବାହ୍ନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ କ୍ଲିନିକ୍‌କୁ ଉଦଘାଟନ କରିଥିଲେ। ଅନ୍ୟଅତିଥି ମଧ୍ୟରେ ପୌର ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ବଣିକ ସଂଘ ସଭାପତି ସୁଧୀର କୁମାର ମହାନ୍ତି, ପ୍ରାକ୍ତନ ସେନାଧିକାରୀ ତାରା ପଦ ମହାନ୍ତି, ସମାଜସେବୀ ଦିଲ୍ଲୀପ ପରିଡ଼ା, ବିଜୟ କାମିଳା, ସୁରଜ ଚୌରାସିୟା, ଆନନ୍ଦ କର, ରାଧାଶ୍ୟାମ ସାହୁ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ କ୍ଲିନିକ୍ ବୁଲିବା ସହିତ ପ୍ରଶଂସା କରିଥିଲେ। ଏହି ନମୁନା ସଂଗ୍ରହ କେନ୍ଦ୍ରରେ ହାଇଜେନିକ ଭାବେ ସେବା ପ୍ରଦାନ ସହ ସ୍ୱଳ୍ପ ମୂଲ୍ୟରେ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ରହିଛି ବୋଲି କ୍ଲିନିକର ଯୁବ ନିର୍ଦ୍ଦେଶକ ଅଭିଷେକ ପରିଡ଼ା ସୂଚନା ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଉଦ୍ୟୋଗପତି ତଥା ନଗରପାଳ ସୁନିଲ କୁମାର ପରିଡ଼ା ଉପସ୍ଥିତ ଥିଲା ବେଳେ ଅନୁଷ୍ଠାନର ସଫଳତା ଲାଗି ପ୍ରୀତିଲତା ପରିଡ଼ା, ଗୋକୁଳାନନ୍ଦ ପରିଡ଼ା, ଅନୀଲ ପରିଡ଼ା ପ୍ରମୁଖ ପରିବାର ବର୍ଗ ଓ ବହୁ ବ୍ୟକ୍ତି ବିଶେଷ ଶୁଭେଚ୍ଛା ପ୍ରଦାନ କରିଥିଲେ।ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ପ୍ରବଳ ବର୍ଷା ହେଉ ଥିବାରୁ ରକ୍ତଦାତା ଆସି ପାରି ନ ଥିବା ବେଳେ ୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଦାନବାକ୍ସ ଭାଙ୍ଗି ଲୁଟ୍

**ନୀଳଗିରି/ପଞ୍ଚଲିଙ୍ଗେଶ୍ୱର, ୨୦।୩(ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଗତ ମଙ୍ଗଳବାର ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ମନ୍ଦିର ଦାନବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ଦୈନନ୍ଦିନ ପରି ଚଳଚଞ୍ଚଳ ଉକ୍ତ ପୀଠଟି କୁଳଡିହା ଅଭୟାରଣ୍ୟ ମଧ୍ୟରେ ଆସୁଥିବାରୁ ଶହଶହ ସଂଖ୍ୟାରେ



ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଦର୍ଶନ କରିଥିବା ବେଳେ ସନ୍ଧ୍ୟା ପରେ ବର୍ଷା କାରଣରୁ ଲୋକଙ୍କ ଗହଳି କମିଥିଲା। ମନ୍ଦିରର ନୀତି ସେବା ସାରି ସେବକ ଓ କର୍ମଚାରୀ ଫେରି ଯାଇଥିଲେ। ଅନ୍ଧାର ଓ କୋହଲା ପାଗର ସୁଯୋଗ ନେଇ କେହି ଦୁର୍ବୃତ୍ତ ମନ୍ଦିର ବେଢ଼ାରେ ଥିବା ଦାନବାକ୍ସକୁ କଟର ସାହାଯ୍ୟରେ କାଟି ବାକ୍ସରେ ଥିବା ପ୍ରାୟ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜଣାଯାଇଛି। ସକାଳେ ମନ୍ଦିର ସେବକ ଏବଂ ଟ୍ରଷ୍ଟ କର୍ମଚାରୀ ବାକ୍ସ ଭଙ୍ଗା ହୋଇଥିବା ଜାଣି ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି, ତଦନ୍ତ ଆରମ୍ଭ କରିଥିବା ବେଳେ ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ, ପ୍ରଶାସନ ଅଧିକ ସଂଖ୍ୟକ ପୋଲିସ ମୁତୟନ କରିବା ପାଇଁ ଦାବି ହୋଇଛି। ଫଳରେ ମନ୍ଦିର ସୁରକ୍ଷିତ ରହିବା ସହିତ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଧନଜୀବନ ସୁରକ୍ଷିତ ରହିପାରିବ।

## ତାଳସାରୀ ଓ ଉଦୟପୁର ବେଳାଭୂମିରେ ସମରାଭ୍ୟାସ 'ସାଗର କବଚ'

**ଚନ୍ଦନେଶ୍ୱର, ୨୦।୩ (ସମିସ) :**

ବାଲେଶ୍ୱର ଜିଲ୍ଲା ଭୋଗରାଇର ମନୋରମ ବେଳାଭୂମି ଉଦୟପୁର, ତାଳସାରୀ, ବିଚିତ୍ରପୁର, ଚନ୍ଦନେଶ୍ୱର ଓ ଭୁଷଣ୍ଡେଶ୍ୱରଠାରେ ପୁଲିସ ପକ୍ଷରୁ ତିନି ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଆରମ୍ଭ ହୋଇଛି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତି ବର୍ଷ ଦୁଇଥର ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ 'ସାଗର କବଚ'। ତେବେ ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକାରୀଙ୍କୁ କିପରି ପ୍ରତିରୋଧ କରାଯାଇପାରିବ ଏହାର ସମସ୍ତ



କଳାକୌଶଳ ପ୍ରଦର୍ଶନ ଆରମ୍ଭ ହୋଇଛି। ସମୁଦ୍ର କୂଳରେ କୋଷ୍ଟଗାର୍ଡ, ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗ ପଇଁତରା ମାରିବା ସହିତ ବନ ବିଭାଗ, ସାଗର ସାଥି, ସବୁଜବାହିନୀ ଆଦି ଉପକୂଳକୁ କିପରି ସୁରକ୍ଷା ଯୋଗାଇ ପାରିବେ ସେଥିପାଇଁ ଅଭ୍ୟାସ ଚାଲିଛି। ସମସ୍ତଙ୍କୁ ନେଇ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ବିଭାଗ ରେଡ୍ ଟିମ ଆତଙ୍କବାଦୀ ରୂପରେ ଜଳପଥରୁ ଆସି ସ୍ଥଳପଥରେ ଆକ୍ରମଣ କରିବା ସହିତ ଆଉ ଗୋଟିଏ ବ୍ଲୁ ଟିମ୍ ସ୍ଥଳଭାଗରେ ପ୍ରତିରୋଧ କରିବା ସହ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଥିଲେ। ସମୁଦ୍ରର ୨୦ କି.ମି. ଭିତରେ 'ସାଗର କବଚ'ର ସମରାଭ୍ୟାସ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବା କୌଶଳ ପ୍ରଦର୍ଶନ କରାଯାଇଥିଲା। ତାଳସାରି ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବାବେଳେ ଓଆଇସି ପିଥା ହେମ୍ବ୍ରମ, ଏଏସଆଇ ରତିକାନ୍ତ ବେହେରା, ଏସ୍ଆଇ ଶ୍ରୀମନ୍ତ ମିର୍ଦ୍ଧା ଓ ୩ଟି ପ୍ଲାଟୁନ ଫୋର୍ସ, ସବୁଜ ବାହିନୀ, ସାଗର ସାଥୀ ଅଂଶଗ୍ରହଣ କରିଥିଲେ।

### ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

# ବଜ୍ରପାତ ବିଜ୍ଞାନ ଓ ନିରାପତ୍ତାର ମାପ ଉପରେ ଆଲୋଚନା

ବାଲେଶ୍ୱର, ୨୦।୩(ସମିସ):



ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଦ୍ୱାରା ଆୟୋଜିତ ତଥା ଜଳବାୟୁ ରେସିଲିଏଣ୍ଟ୍ ପର୍ଯ୍ୟବେକ୍ଷଣ-ସିଷ୍ଟମ୍ ପ୍ରମୋସନ୍ କାଉନସିଲ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ ଏକ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ୨୦ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ଭାବେ 'ବଜ୍ରପାତ ବିଜ୍ଞାନ ଏବଂ ନିରାପତ୍ତା ମାପ: ମନିଟରିଂ, ମିଟିଗେସନ୍ ଏବଂ ଦକ୍ଷିଣ ଏସିଆରେ ଶେଷ ମାଇଲ୍ ସଂଯୋଗ' ରଖାଯାଇଛି। ଆଜିର ଏହି ଉଦଘାଟନୀ ସମାରୋହରେ ନେପାଳ, ଶ୍ରୀଲଙ୍କା, ବାଂଲାଦେଶ, ବ୍ରାଜିଲ, ଇଣ୍ଡୋନେସିଆ, ମିଆଁମାର, ଏବଂ ଭାରତରୁ ପ୍ରାୟ ୩୦୦ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଛନ୍ତି। ଏହି ସମ୍ମିଳନୀରେ ବିଜୁଳି-ଘଡଘଡି ବିପର୍ଯ୍ୟୟ ବିଷୟରେ ସଚେତନତା ସୃଷ୍ଟି କରିବା, ବଜ୍ରପାତ ଜନିତ ମୃତ୍ୟୁକୁ କମ୍ କରିବା ଏବଂ ବିଭିନ୍ନ ଗୋଷ୍ଠୀର ପାଖରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ସହିତ ପରିସ୍ଥିତି ବେଳେ ଉପସ୍ଥିତ ବୁଦ୍ଧି ସହ ସଜାଗ ରହିବାକୁ ଅବଗତ କରାଯାଇଛି। ସମ୍ମିଳନୀର ଅତିଥି ଏବଂ ପ୍ରସଙ୍ଗଗୁଡିକ ଭୁଗୋଳ ବିଭାଗର ମୁଖ୍ୟ ଡ. ନିହାର ରଞ୍ଜନ ରାଉତ ବୁଝାଇଥିଲେ ଓ ସହ-ସଂଯୋଜକ ପ୍ରଫେସର ଡ଼କ୍ଟର ମନୋରଞ୍ଜନ ମିଶ୍ର ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଏହି ସମ୍ମିଳନୀର ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବଜ୍ରପାତ ଅଭିଶାପ ବୋଲି ଭାବୁଥିବା ଚିନ୍ତାଧାରାରୁ ବାହାରି ଏହାର ବିଜ୍ଞାନକୁ ବୁଝିବା ଏବଂ ପୁରାଣ ସହ ବିଜ୍ଞାନଭିତ୍ତିକ କାରଣକୁ ଗ୍ରହଣ କରିବାର କ୍ରାନ୍ତିକାରୀ ପରିବର୍ତ୍ତନକୁ ସାମ୍ପ୍ରତିକ ସମୟରେ ଚିହ୍ନଟ କରାଯାଇଛି ଏବଂ ଏହାର ସଚେତନତା ପ୍ରଭାବକୁ ଅଧିକାଂଶ ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚାଇବାର ଉଦ୍ୟମ କରାଯିବାକୁ ମତପୋଷଣ କରିଛନ୍ତି। ଏଥିସହ ଉଦ୍‌ଘାଟନୀ ଅଧିବେଶନରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ 'ଦକ୍ଷିଣ ଏସୀୟ ଦେଶର ସମ୍ମିଳନୀ ସ୍ମରଣିକା' ଏବଂ 'ବଜ୍ରପାତ ଆଟଲାସ୍' ନାମକ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ "ପ୍ରଫେସର ସବ୍ୟାସାଚି ପଟ୍ଟନାୟକ, ବଜ୍ରପାତ ବିଜ୍ଞାନ ସମ୍ପର୍କିତ ଧାରଣା ଦେବାସହ ଏଥିସହ ଜଡ଼ିତ ବିପଦରୁ ସୁରକ୍ଷା ନେବା ବିଷୟରେ ଅବଗତ କରିଥିଲେ। ସି.ଆର.ଓ.ପି.ସି ର ଚେୟାରମ୍ୟାନ୍ କର୍ଣ୍ଣଲ ସଞ୍ଜୟ ଶ୍ରୀବାସ୍ତବ ବଜ୍ରପାତ ବିଜ୍ଞାନ ଠାରୁ ନାଗରିକ ବିଜ୍ଞାନ ସହ ସଂଯୋଗ ଉପରେ ବିଚାର ବିମର୍ଶ କରିଛନ୍ତି ଏବଂ ବଜ୍ରପାତ ବିପକ୍ଷରେ ସୁରକ୍ଷା ବ୍ୟବସ୍ଥାକୁ ନିଜ ଉଦବୋଧନରେ ସୂଚିତ କରିଛନ୍ତି। ଡକ୍ଟର କେ ଜେ ରମେଶ (ପୂର୍ବତନ ଡିଜି, ଆଇଏମଡି, ନୂଆଦିଲ୍ଲୀ) ଏହି ଅଧିବେଶନର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବଜ୍ରପାତ ବିଜ୍ଞାନ ଉପରେ ନିଜର ଅଭିଜ୍ଞତା ଓ ପର୍ଯ୍ୟବେକ୍ଷଣ ବାଣ୍ଟିଥିଲେ ଏବଂ ଦେଶର ବହୁ ପ୍ରଭାବିତ ଅଞ୍ଚଳରେ ବଜ୍ରପାତର ପ୍ରଭାବ ହ୍ରାସ କରିବାରେ ବହୁ ବିଶିଷ୍ଟ ବୈଜ୍ଞାନିକ ତଥା ଅନୁସନ୍ଧାନକାରୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ନେପାଳର ଥ୍ରିଭାନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀରାମ ଶର୍ମା, କିପରି ବ୍ୟକ୍ତିଗତ ସ୍ତରରେ ମଧ ବଜ୍ରପାତ ବିଜ୍ଞାନକୁ ସମାଜ ତଥା ଲୋକଲୋଚନକୁ ଆଣିବାରେ ସକ୍ଷମ ହେଇପାରିବା ସେ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ସଲନେଟ ମଧ୍ୟରେ ସହଯୋଗ ପାଇଁ ସେ ଏକ ପ୍ରସ୍ତାବ ମଧ୍ୟ ପ୍ରଦାନ କରିଛନ୍ତି। ଟାଟା ଫାଉଣ୍ଡେସନ, ଓଡ଼ିଶା ସିଏସଆର ହେଡ, ଅମ୍ବିକା ପ୍ରସାଦ ନନ୍ଦ ତାଙ୍କ ଅଭିଜ୍ଞତାକୁ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଏବଂ ସାଇକ୍ଲୋଥନ, ବଜ୍ରପାତ ଏବଂ ସାପ କାମୁଡ଼ିବା ଭଳି କୌଣସି ପ୍ରକାର ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବା ପାଇଁ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଗୁଡ଼ିକ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟଅତିଥି ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ବଜ୍ରପାତ ବିଜ୍ଞାନ ଉପରେ ଧାରଣା, ଏହାର କାରଣ ଏବଂ ଏହାଠାରୁ ସୁରକ୍ଷିତ ରହିବାର ସଚେତନତାର ଜ୍ଞାନ ଆହରଣ ପ୍ରତି ପଦକ୍ଷେପ ନେବା ଉଚିତ ବୋଲି ଉଲ୍ଲେଖ କରିଛନ୍ତି। ସମ୍ମିଳନୀର ଆୟୋଜକ ସେକ୍ରେଟେରି ଡ଼କ୍ଟର ରବି ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ। ଉଦାଘାଟନୀ ସମାରୋହକୁ ଭୂଗୋଳ ବିଭାଗର ସହକାରୀ ପ୍ରଫେସର ଡ. ସସ୍ମିତା ରାଉତ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଏକ ସ୍ଥାନୀୟ ଗୋଷ୍ଠୀଙ୍କ ସହ ବିଶେଷଜ୍ଞଗଣ ସହ ପାରସ୍ପରିକ ଆଲୋଚନାଚକ୍ରର କାର୍ଯ୍ୟକ୍ରମ ରହିଛି, ଯାହା ୨୧ତାରିଖ ରେ ଅନୁଷ୍ଠିତ ହେବ ଯେଉଁଠାରେ ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାରେ ୧୦୦ ରୁ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ ରହିବେ। ପରେ ସ୍ଥାନୀୟ ଗୋଷ୍ଠୀ, ବିଦ୍ୟାଳୟ, ଏବଂ କଲେଜ ଛାତ୍ରମାନଙ୍କ ପାଇଁ ଏକ ପୋଷ୍ଟର ପ୍ରଦର୍ଶନୀ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି ଏବଂ ବିଜୁଳି ଜନିତ ବିପଦ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଅଧିକ ସଚେତନତା ପାଇଁ ଏହାକୁ ଜନସାଧାରଣଙ୍କ ପାଇଁ ମଧ ପ୍ରସ୍ତୁତ କରାଯାଇଅଛି।

## ଟିପିଏନ୍‌ଓଡିଏଲ ପକ୍ଷରୁ ଅମୃତ କୁମ୍ଭ ଅଫର ବିଜେତାଙ୍କୁ ପୁରସ୍କାର



ବାଲେଶ୍ୱର, ୨୦।୩(ସମିସ): ଟାଟା ପାୱାର ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଉତ୍ତର ଓଡ଼ିଶାର ବିଦ୍ୟୁତ ଗ୍ରାହକଙ୍କ ପାଇଁ ଆରମ୍ଭ ହୋଇଥିବା ନୂତନ ବର୍ଷ ଅମୃତ କୁମ୍ଭ ଅଫରର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବାଲେଶ୍ୱର ସହରର ବାଲିଆ ସ୍ଥିତ ଡିଭିଜନ କାର୍ଯ୍ୟାଳୟଠାରେ ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନ ଓ ସେଂଟ୍ରାଲ ଇଲେକ୍ଟ୍ରିକାଲ ଡିଭିଜନ ପାଇଁ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱରର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମରେଶ୍ୱର ଶତପଥୀ, କେନ୍ଦ୍ରୀୟ ଇଲେକ୍ଟ୍ରିକାଲ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବାଶିଷ ପୁହାଣ ଓ ଲୋକସମ୍ପର୍କ ଅଧିକାରୀ ଚିତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଅମୃତ କୁମ୍ଭ ଅଫର ସମ୍ପର୍କରେ ସୂଚନା ଦେଇଥିଲେ। ଡିଜିଟାଲ ଦେୟ ତଥା ନିୟମିତ ଦେୟକୁ ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଗ୍ରାହକଙ୍କୁ ପୁରସ୍କାର ପଦାନ ଭଳି ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଥିବା ସେମାନେ ପ୍ରକାଶ କରିଥିଲେ। ନୂଆ ବର୍ଷ ଉପଲକ୍ଷେ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ 'ନୂତନ ବର୍ଷ ଅମୃତ କୁମ୍ଭ' ଅଫର ଆରମ୍ଭ ହୋଇଥିବା ବେଳେ 'ବିଲ ପେ ଏଣ୍ଡ ୱିନ' ଯୋଜନା ଅଧୀନରେ ସଠିକ ସମୟରେ ବିଦ୍ୟୁତ ଦେୟ ପଇଠ କରୁଥିବା ଉପଭୋକ୍ତାମାନଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଉଛି। କେବଳ ଶୂନ୍ୟ ବକେୟା ଥିବା ଉପଭୋକ୍ତାମାନଙ୍କୁ ଏହି ଉପହାର ପ୍ରଦାନ କରାଯାଉଛି। 'ଲକି ଡ୍ର' ମାଧ୍ୟମରେ ପ୍ରତ୍ୟେକ ମାସ ପାଇଁ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯାଉଥିବା ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ରାୟ କହିଥିଲେ। ଏହି ଅବସରରେ ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନର ୧୦ଜଣ ଓ ସେଂଟ୍ରାଲ ଇଲେକ୍ଟ୍ରିକାଲ ଡିଭିଜନ ୯ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମୋବାଇଲ ଫୋନ ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ପାନିର ଅଫର ଓ ପୁରସ୍କାରକୁ ନେଇ ଗ୍ରାହକମାନେ ସନ୍ତୋଷ ପ୍ରକାଶ ସହ ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କୁ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ରାଜ୍ୟ ଖୋଖୋ ଦଳରେ ପ୍ରତିନିଧିତ୍ୱ ଲାଗି ଖେଳାଳିଙ୍କୁ ଅଭିନନ୍ଦନ

ବାଲେଶ୍ୱର, ୨୦।୩(ସମିସ): ଦିଲ୍ଲୀ ଠାରେ ହେବାକୁ ଥିବା ୫୬ତମ ଜାତୀୟ ପୁରୁଷ ଓ ମହିଳା ଖୋଖୋ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘରୁ ୪ଜଣ ପୁରୁଷ ଏବଂ ୫ଜଣ ମହିଳା ଖୋଖେଶ ଖେଳାଳୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏନେଇ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ସାଧାରଣ ସମ୍ପାଦକ ଅଧୀପ ଦାସ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶେଷ କରି ପୁରୁଷ ଖେଳାଳିଙ୍କ ମଧ୍ୟରେ ଜଗନ୍ନାଥ ମୁର୍ମୁ, ସୁନୀଲ ପାତ୍ର, ଲିପୁନ ମୁଖୀ, ସିଦେଶ୍ୱର ଟୁଡୁ ରହିଥିବା ବେଳେ ମହିଳା ଖେଳାଳିଙ୍କ ମଧ୍ୟରେ ପ୍ରୀୟଙ୍କା ସିଂ, ସାବିଲା ଖାତୁନ, ରଞ୍ଜିତା ବାରିକ, ଚମ୍ପା ମାଝୀ ଏବଂ ଆଶା ମାର୍ଣ୍ଡି ରହିଛନ୍ତି। ଏହି ଖେଳାଳୀମାନେ ବାଲେଶ୍ୱରର ଗର୍ବ ଓ ଗୌରବ। ବାଲେଶ୍ୱର ଜିଲ୍ଲ ପାଇଁ ବହୁବାର ପ୍ରତିନିଧିତ୍ୱ ମଧ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ଦାସଙ୍କ ସମେତ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କ, ଉପସଭାପତି ଜଗଦିଶ ବେହେରା, ଅମର କୁମାର ମହାନ୍ତି, ଖୋଖୋ ଯୁଗ୍ମ ସମ୍ପାଦକ କାର୍ତିକଚନ୍ଦ୍ର ନାୟକ, ବିରେନ୍ଦ୍ର କୁମାର ସ୍ୱାଇଁ, ଜନ୍ମେଜୟ ଦେ, ଅଜିତ ପାତ୍ର, ସଞ୍ଜୟ ଲେଙ୍କା, ପ୍ରଦୀପ ଦାସ, ସୁଜୟ ଆଚାର୍ଯ୍ୟ, କୋଚ ମଳୟ ରଞ୍ଜନ ବେହେରାଙ୍କ ସମେତ କ୍ରୀଡା ସଂଘର ସମସ୍ତ କର୍ମକର୍ତା ଓ ସଭ୍ୟମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କମାନା କରିବା ସହିତ ଓଡ଼ିଶା ଦଳ ବିଜୟ ଲାଭ କରୁ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ କହିଛନ୍ତି।

## ମନ୍ମଥ ଦାସଙ୍କ ସ୍ମୃତିସଭା

ବାଲେଶ୍ୱର, ୨୦।୩(ସମିସ): ବାଲେଶ୍ୱର ସହରର ଫାଣ୍ଡିଛକ ନିକଟସ୍ଥ ନିୟୁ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀ ସଂଘ ନେତା ମନ୍ମଥ ଦାସ (ମନୁଭାଇ)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ସଭା ନିୟୁ ମାର୍କେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିୟୁମାର୍କେଟ ବ୍ୟବସାୟୀ ସଂଘର ସଭାପତି ଅଜୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରାଜେନ୍ଦ୍ର ଚାଟାର୍ଜୀ, ଶିବନାରାୟଣ ସାହୁ, ନିତ୍ୟାନନ୍ଦ ସାହୁ, ପର୍ଶୁରାମ ମହାନ୍ତି, ଜୟଦେବ ସାହୁ, ପର୍ଶୁରାମ ନାୟକ, ଚନ୍ଦନ ବେହେରା, ସେକ୍ ସକିର, ସେକ୍ ସନୁ, ସେକ୍ ଇମ୍ରାନ, ଉଦୟ ବେଜ, ବିସ୍ମୟ ବେଜ, ସେକ୍ ସଇଦୁଲା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିବା ପୂର୍ବକ ନିୟୁ ମାର୍କେଟର ବ୍ୟବସାୟୀ ମାନଙ୍କୁ ସଂଗଠିତ କରିବାରେ ସ୍ୱର୍ଗତଃ ଦାସଙ୍କ ଭୂମିକା ଅନନ୍ୟ ଥିଲା ବୋଲି କହିଛନ୍ତି।




## ଏମ୍‌ଏସ୍‌ଏମ୍‌ଇ ସମସ୍ୟା ସମ୍ବନ୍ଧୀୟ ଆଲୋଚନାଚକ୍ର




ବାଲେଶ୍ୱର, ୨୦।୩(ସମିସ): ସୂକ୍ଷ୍ମ ଏବଂ ଲଘୁ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚିବା ଏବଂ ବ୍ୟାଙ୍କିଙ୍ଗ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ନୋସି ବିଜନେସ ପାର୍କରେ ଏମଏସଏମଇ ସମ୍ବନ୍ଧୀୟ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ ସାରଦା ପ୍ରସନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ଶିଳ୍ପ ନିର୍ଦ୍ଦେଶକ ଡି ପ୍ରଶାନ୍ତ କୁମାର ରେଡ୍ଡୀ, ଏସଏଲବିସି ମହାପ୍ରବନ୍ଧକ ତଥା କନଭେନର ଗୌତମ ପାତ୍ର, ସିଡ଼ବିର ଉପମହାପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ଏସବିଆଇର ଉପମହାପ୍ରବନ୍ଧକ ତଥା ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ଏମଏସଏମଇ ସଂଘ ଯଥା ବିସିଆଇସି, ଏନଓସିସିଆଇ ଏବଂ ବାଲେଶ୍ୱର ଜିଲ୍ଲାର ଅନ୍ୟ ଉଦ୍ୟୋଗୀଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ, ଆଞ୍ଚଳିକ ପ୍ରବନ୍ଧକ ଓ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ବ୍ୟାଙ୍କର ଅନ୍ୟ ଅଧିକାରୀ, ଏଲଡିଏମ, ଡିଡିଏମ (ନାବାର୍ଡ) ଓ ଆରଏସଇଟିଆଇ ନିର୍ଦ୍ଦେଶକଙ୍କ ସମେତ୧୭୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବୈଠକ ଶେଷରେ ଏମଏସଏମଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଯେଉଁଥିରେ ବିଭିନ୍ନ ଅଂଶଗ୍ରହଣକାରୀମାନେ ସେମାନଙ୍କ ପ୍ରଶ୍ନ ପଚାରିବା ସହ ବ୍ୟାଙ୍କ ଫାଇନାନ୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ବୈଠକରେ ସେମାନଙ୍କର ଅଧିକାଂଶ ସମସ୍ୟାର ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ୟାର ସମାଧାନ ପାଇଁ ଉଦ୍ୟୋଗୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏମଏସଏମଇ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚିବାର ପଦକ୍ଷେପକୁ ଅଂଶଗ୍ରହଣକାରୀମାନେ ପ୍ରଶଂସା କରିଥିଲେ।

### ଦେବଦୀପ ଫାଉଣ୍ଡେସନ ପକ୍ଷରୁ ପଖାଳ ଦିବସ ପାଳିତ

# ମନମୋହିଲା ପଖାଳ ସାଙ୍ଗକୁ ନାନା ବ୍ୟଞ୍ଜନ





ବାଲେଶ୍ୱର, ୨୦।୩(ସମିସ):

ଖରାଦିନ ଆସିଲେ ଓଡ଼ିଆଙ୍କର ମନ ଥାଏ ପଖାଳ କଂସାରେ। ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ୨୦ତାରିଖକୁ ସାରା ଓଡ଼ିଶା ପଖାଳ ଦିବସ ଭାବେ ପାଳନ କରୁଥିବା ବେଳେ ଏହି ଦିବସକୁ ଅଧିକ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ଦେବଦ୍ୱୀପ ଫାଉଣ୍ଡେସନ ପକ୍ଷରୁ ଆଜି ସ୍ଥାନୀୟ ଏକ ହୋଟେଲ ପରିସରରେ ପଖାଳ ଦିବସ ପାଳିତ ହୋଇଯାଇଛି। ଦେବଦ୍ୱୀପ ଫାଉଣ୍ଡେସନର ଅଧ୍ୟକ୍ଷା ରଶ୍ମୀରେଖା ନାୟକ ଏବଂ ଯୁବ ସମାଜସେବୀ ଧୀରେନ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଖାଳ ଦିବସର ମହତ୍ତ୍ୱ ଅଲଗା ରହିଥିବା ବେଳେ ଲୋକମାନଙ୍କୁ ଏକାଠି କରି ବାନ୍ଧି ରଖିବା ପାଇଁ ଏଭଳି ଏକ ନିଆରା କାର୍ଯ୍ୟକ୍ରମ କରାଯାଇଛି ବୋଲି କୁହାଯାଇଛି।

ଏହି ଅବସରରେ ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଉପାଧ୍ୟକ୍ଷ କୈଳାସଚନ୍ଦ୍ର ସେଠୀ, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଗ ରଞ୍ଜନ ବାଗଙ୍କ ସମେତ କାଉନସିଲର ମୀନା ମହାନ୍ତି, ସେକ ଆୟୁବ, କାର୍ତିକ ସାହୁ, ଶଶୀରେଖା ମହାନ୍ତି, ସବିତାରାଣୀ ଦାସ, କବିତା ମୁର୍ମୁ, ରାଜଲକ୍ଷ୍ମୀ ଚାଟାର୍ଜି, ସନିଆ ମୁର୍ମୁଙ୍କ ସମେତ ବୁଦ୍ଧିଜିବୀ, ସାଧାରଣ ଲୋକ ଆଦି ବିଭିନ୍ନ ବର୍ଗର ଲୋକେ ଏଥିରେ ଯୋଗଦେଇ ଦହି ପଖାଳ ସାଙ୍ଗକୁ ବଡି ଚୁରା, ବାଇଗଣ ଭର୍ତ୍ତା, କଲରା ଭଜା, ମାଛ ଭଜା, ଚିଙ୍ଗୁଡ଼ି ଛେଚା, କଖାରୁ ଫୁଲ, ଦେଶୀ ଭାକୁର, ତେଲିଆ ମାଛ ଭଜା, ବିଲାତି ଚଟଣି, ଆଳୁ ଭର୍ତ୍ତା, ବିହନ ବଡା, ମିକ୍ସଚର, ଛତୁ ଭଜା, ବାଦାମ ଚଟଣି, ଆଚାର, ସାଲାଡ, ଶାଗ ଆଦି ୧୦ରୁ ଅଧିକ ପ୍ରକାର ଖାଦ୍ୟର ମଜ୍ଜା ନେଇଥିଲେ। ଏହି ଅବସରରେ ପଖାଳ ଖାଉଥିବା ଜଣେ ବ୍ୟକ୍ତି ଯୋଗେନ୍ଦ୍ର ମାଇତି କହିଛନ୍ତି ଯେ, ବାହାରୁ ଆସିଲେ ପଖାଳ ଗଣ୍ଡେ ଖାଇ ତୋରାଣି ଟିକେ ପିଇ ଦେଲେ ପାଟିରୁ ଆପେ ଆପେ ବାହରି ଯାଏ ଓଃ କି ଶାନ୍ତି। ଏହି ସ୍ୱତନ୍ତ୍ର ଖାଦ୍ୟ ଆମ ପ୍ରତ୍ୟେକଟି ଓଡ଼ିଆଙ୍କ ପରିଚୟ ଓ ପ୍ରତୀକ ସଦୃଶ। ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ ପଖାଳ ପ୍ରିୟ। ଶ୍ରୀ ମନ୍ଦିରର ଟଙ୍କ ତୋରାଣୀ ହେଉଛି ଏହାର ମୁକ ସାକ୍ଷୀ।

## ମହିଳା କଲେଜର ନୂତନ ପରିଚାଳନା କମିଟି



ବାଲେଶ୍ୱର, ୨୦।୩(ସମିସ): ବାଲେଶ୍ୱର ମହିଳା କଲେଜର ପରିଚାଳନା କମିଟି ଗଠିତ ହୋଇଛି। କଲେଜର ଅଧ୍ୟକ୍ଷା ସୀମାରେଖା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂତନ କରି ହୋଇଥିବା ସଭାପତି ବିନୋଦ ବିହାରୀ ପଣ୍ଡାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପରିଚାଳନା କମିଟିର ସଭାପତି ଶ୍ରୀ ପଣ୍ଡା ଉକ୍ତ କଲେଜକୁ ଏକ ସର୍ବାଙ୍ଗ ସୁନ୍ଦର କଲେଜ ଭାବରେ ପରିଣତ କରିବାରେ ଆଶା ରଖିଥିବା ବେଳେ ଏନେଇ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ କଠୋର ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅମୃତାଂଶୁ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧାପିକା ଜ୍ୟୋସ୍ନାରାଣୀ ଦାସ, ଚିତରଞ୍ଜନ ସାନ୍ତରା, ସତୀଶ ମାର୍ଣ୍ଡି, ଜ୍ୟୋସ୍ନା ସିଂହ, ଅନୀତା ଭୂୟାଁ, ରେଖାରାଣୀ ନନ୍ଦୀ, ଲମ୍ବୋଦର ବେହେରା ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନିତ କରାଯାଇଥିଲା।






## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ପଞ୍ଚଲିଙ୍ଗେଶ୍ୱର, ୨୦।୩(ସମିସ):** ବାଲେଶ୍ୱର ଜିଲ୍ଲାର ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ କାନପୁର ଗ୍ରାମର ଗଙ୍ଗାଧର ନାୟକଙ୍କ ବିବାହିତା ଝିଅ ପୂଜା (୨୫) ଏବଂ ଝିଅକୁ ନେଇ ସ୍ୱାମୀ ସପରିବାର ବାପ ଘରକୁ ଆସୁଥିବା ବେଳେ ନୀଳଗିରି ପଣ୍ଡା ପାର୍କ ନିକଟରେ ଏକ ଷଣ୍ଡ ସହିତ ବାଇକ ଧକ୍କା ହୋଇଥିଲା। ପୂଜା ସେଇଠାରୁ ମୁମୂର୍ଷ ଅବସ୍ଥା ରେ ନୀଳଗିରି ଡାକ୍ତରଖାନା ରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ବଡ଼ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା କାରଣ ରୁ ଭୁବନେଶ୍ୱର ସ୍ଥିତ ଘରୋଇ ସମ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ତାଙ୍କର ଦେହାନ୍ତ ହୋଇଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରିଥିଲେ। ଅପରାହ୍ଣ ୪ ଘଟିକା ସମୟ ରେ ପୂଜାଙ୍କ ପ୍ରାର୍ଥିବ ଶରୀର ସନ୍ତରାଗଡ଼ିଆ ସ୍ଥିତ ବାପ ଘରେ ପହଞ୍ଚି ଥିବା ବେଳେ ସାଙ୍ଗ ସାଥି, କୁଟୁମ୍ବ ପରିଜନଙ୍କ ସମେତ ଶହ ଶହ ସଂଖ୍ୟାରେ ଅଞ୍ଚଳବାସୀ ପୂଜାଙ୍କ ଶେଷ ଦର୍ଶନ କରିଥିଲେ।

## ସର୍ଦ୍ଧାରବନ୍ଧରେ ହାତୀପଲ ଉପଦ୍ରବ

**ରାଇବଣିଆ, ୨୦।୩(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବୁଧବାର ରାତି ସମୟରେ ସର୍ଦ୍ଧାରବନ୍ଧ ଗ୍ରାମ ପଞ୍ଚାୟତରେ ୭୦ଟିକିଆ ହାତୀପଲ ଆତଙ୍କ ଦେଖିବାକୁ ମିଳିଛି। ତେବେ ଏହି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ହାତୀ ମାନଙ୍କର ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ଏହି ପଞ୍ଚାୟତ ର ବିଭିନ୍ନ ଲୋକଙ୍କ ଘର ଭାଙ୍ଗିବା ସହିତ ଗଛପତ୍ର, ଧାନ ଚାଉଳ ଏବଂ ଚାଷ ଜମି ନଷ୍ଟ କରିଥିଲେ। ଫଳରେ ସ୍ଥାନୀୟ ଲୋକେ ରାଇବଣିଆ ବନବିଭାଗ ଜଣାଇ ଥିଲେ ଓ ଘଟଣା ସ୍ଥଳରେ ରାଇବଣିଆ ବଣ ବିଭାଗର ଅଧିକାରୀ ମାନେ ପହଞ୍ଚି ହାତୀମାନଙ୍କୁ ପାଖ ଜଙ୍ଗଲରେ ଛାଡିଥିବା ଜଣାଯାଇଛି।

## ଜଳେଶ୍ୱରରେ ପଖାଳ ଦିବସ ପାଳିତ

**ଜଳେଶ୍ୱର ବ୍ଲକ, ୨୦।୩ (ସମିସ) :** ଦିଗମ୍ବରୀ ଦେବୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ବିଶ୍ୱ ପଖାଳ ଦିବସ' ପାଳିତ ହୋଇ ଯାଇଛି। ସମ୍ବାଦ ସାହିତ୍ୟ ଘର, ଜଳେଶ୍ୱର ଶାଖାର ସମ୍ପାଦକ ଡକ୍ଟର ଅଜିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଦିଗମ୍ବରୀ ଦେବୀ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ଶିକ୍ଷକ ମାନସ କୁମାର ମାଇତି, ଅନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି, ବଶ୍ୱ ପଖାଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ପଖାଳ ଓଡ଼ିଆଙ୍କ ଚିର ସ୍ମରଣୀୟ ବୋଲି କହିଥିଲେ। ଶିକ୍ଷା କର୍ମକର୍ତ୍ତା ମଧୁସୂଦନ ଭୋଳ, ଜୟନ୍ତ ପାତ୍ର, ଶିକ୍ଷକ ବିଜୟ ପାତ୍ର, ଶାନ୍ତନୁ ଦାସ, ଶିକ୍ଷା କର୍ମଚାରୀ କବିତା ବେହେରା, ଝୁନି ରାଜ, ତୃପ୍ତିରାଣୀ ପରିଡ଼ା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।ଅନୁଷ୍ଠାନର ଦିବ୍ୟଜ୍ୟୋତି ଦତ୍ତ, ଗଣେଶ ମୁର୍ମୁ, ସିମରାନ ଖାତୁନ, ବିଦୁସ୍ମିତା ଦତ୍ତ, ଦମୟନ୍ତୀ ଜେନା, ରଶ୍ମିତା ଜେନା, ଶୁଭସ୍ମିତା ପାତ୍ର, ଶ୍ରଦ୍ଧାଞ୍ଜଳି ଦେ, କୃଷ୍ଣା ମାହାଳିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଅନଳିଆ ହୋଲି ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ପ୍ରସ୍ତୁତି

**ଭୋଗରାଇ, ୨୦।୩ (ସମିସ) :** ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ସନାତନ ହିନ୍ଦୁ ଧର୍ମର ପ୍ରାଣପୁରୁଷ ନଦୀୟା ନନ୍ଦନ ଶ୍ରୀଶ୍ରୀ ଚୈତନ୍ୟ ଦେବ ମହାପ୍ରଭୁଙ୍କ ଆବିର୍ଭାବ ଦିବସକୁ ଦୋଳଯାତ୍ରା ଉତ୍ସବ ଭାବେ ସମଗ୍ର ଦେଶରେ ପାଳନ କରାଯାଉଥିଲା ବେଳେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମର ହୋଲି ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ୨୪ ବର୍ଷ ହେଲା ଏହି ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏହି ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଅନଳିଆ ଶୀତଳା ମାତାଙ୍କ ମନ୍ଦିର ପ୍ରାଙ୍ଗଣରେ ମାର୍ଚ୍ଚ ୩୦ ତାରିଖରୁ ଦୀର୍ଘ ୧୨ ଦିନ ଧରି ଏହି ସମାରୋହ ଅନୁଷ୍ଠିତ ହେବ। ଏହି ରୌପ୍ୟ ଜୟନ୍ତୀ ଉତ୍ସବ ସମାରୋହ ପାଳନ ନିମନ୍ତେ ବୁଧବାର ସନ୍ଧ୍ୟାରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ଗ୍ରାମବାସୀ ଜଳେନ୍ଦ୍ର ବେହେରା, ଧର୍ମପଦ ମଣ୍ଡଳ, ବିଜୟ ଦାନୀ, ସଞ୍ଜୟ ଗିରି, ଧନଞ୍ଜୟ ଗିରି, ନଳିନୀ ବେହେରା, ଜନ୍ମେଜୟ ବେହେରା, ରବୀନ୍ଦ୍ର ବେହେରା, ସୁରେଶ ବେହେରା, ସୁଧାଂଶୁ ଶେଖର ଜେନା, ଧ୍ରୁବଚରଣ ଗିରି, କାଳିଚରଣ ପାଳ, ଦୀପକ କୁମାର ସେଠୀ, ସୁଧାଂଶୁ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପରେଶ ଚନ୍ଦ୍ର କରଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଜଳେଶ୍ୱର ବ୍ଲକ, ୨୦।୩(ସମିସ) :** ଜଳେଶ୍ୱର ପୌରାଞ୍ଚଳର ୬ନଂ ୱାର୍ଡରେ ଆଜି ସ୍ୱର୍ଗତ ପରେଶ ଚନ୍ଦ୍ର କରଣଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶ୍ରଦ୍ଧାସୁମନ ସଭାରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରି ଶ୍ରଦ୍ଧସୁମନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ଦିଲ୍ଲିପ କୁମାର ଗିରି, ଡ. ଅଜିତ୍ ମହାନ୍ତି, କାର୍ତ୍ତି ଚନ୍ଦ୍ର ବାରିକ, ଭାବାନୀ କିଙ୍କର ପାତ୍ର, ଚନ୍ଦନ ଦାସ, ଅବନୀ ଚାନ୍ଦ ପ୍ରମୁଖ ଯୋଗ ଦେଇ ତାଙ୍କର ଚିନ୍ତା ଚେତନା, ମାନବ ବାଦ, ଯୌଥପରିବାର ପ୍ରେମୀ, ସୁସଂଗଠକ ସମ୍ପର୍କରେ କହିଥିଲେ। ସେ ଏକାଧାରରେ ଜଣେ ନାଟ୍ୟକାର, ଲେଖକ, କ୍ରୀଡାବିତ୍, ଧର୍ମବିଶ୍ୱାସୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପୁତ୍ର ସମର କରଣ ପରିଚାଳନା କରିଥିଲେ।

# ଆଭାସୀ ଜରିଆରେ ଜଳେଶ୍ୱର କୋର୍ଟ ଗୃହର ଶିଳାନ୍ୟାସ




**ଜଳେଶ୍ୱର ବ୍ଲକ, ୨୦।୩(ସମିସ):** ଜଳେଶ୍ୱର ନୂଆ କୋର୍ଟ ପରିସରରେ ଆଜି ଅପରାହ୍ଣରେ ନୂତନ ସିଭିଲ କୋର୍ଟ କମ୍ପେ୍ଲକ୍ସକୁ ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଆଭାସୀ ଜରିଆରେ ଶିଳାନ୍ୟାସ କରିଛନ୍ତି। ୧୩କୋଟି ୨୬ଲକ୍ଷ, ୭୯ହଜାର ଟଙ୍କା ବ୍ୟୟରେ କୋର୍ଟ କମ୍ପେ୍ଲକ୍ସକୁ ମୁଖ୍ୟ ବିଚାରପତି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ସମଗ୍ର ରାଜ୍ୟରେ ୧୭ଟି ଜିଲ୍ଲାର ୩୦ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି ବୋଲି କୁହାଯାଇଛି। ଆଭାସୀରେ କୋର୍ଟ ବିଲ୍ଡି ନିର୍ମାଣ କମିଟିର ସଭାପତି ବିଚାରପତି ଡା. ବି.ଆର୍ ଷଡଙ୍ଗୀ, ଏବଂ ପ୍ରଶାସନିକ ବିଚାରପତି ବି.ପି ରାଉତରାୟଙ୍କ ସହିତ ବହୁ ବିଚାରପତି ଯୋଗ ଦେଇଥିଲେ। ଜଳେଶ୍ୱର କୋର୍ଟ ପରିସରରେ ଆୟୋଜିତ ଉତ୍ସବରେ ବାଲେଶ୍ୱର ଦୌରାଜଜ୍ ଅଶାନ୍ତ କୁମାର ଦାସ, ଅତିରିକ୍ତ ଜିଲା ଜଜ୍ ରଞ୍ଜନ କୁମାର ସୁତାର, ସିଭିଲ ଜର୍ଜ ସିନିୟର ନିଶା ସାମଲ, ସିଭିଲ ଜଜ୍ ସ୍ମୃତିଶ୍ରୀରୂପା ସାହୁ, ଜେଏମ୍ଏଫସି ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ମଧ ଜଳେଶ୍ୱର କୋର୍ଟ ପରିସରରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ। କୋର୍ଟ କମ୍ପେ୍ଲକ୍ସ ବ୍ୟତିତ ବାର୍ କ୍ୟାବିନ୍ ଲାଗି ୧କୋଟି ୯୨ଲକ୍ଷ ୮୦ହଜାର ଟଙ୍କା ବ୍ୟୟରେ ଅନ୍ୟ ଏକ ଗୃହ ନିର୍ମାଣ ହେବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବାର୍ ସଭାପତି କୁଞ୍ଜବିହାରୀ ଦାସ, ସମ୍ପାଦକ ବିଜନ ଦେ, ଆଇନଜିବୀ ଚନ୍ମୟ ଦାସ, ସତ୍ୟସୁନ୍ଦର ଦାସ, ଫରିଦ୍ ଅହମ୍ମଦ, ପୟବିର ରାଉଳ, ସିତାଂଶୁ ସେଖର ଦାସ, ଜିତାଂଶୁ ନନ୍ଦୀ, ପୁର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ହରିଶଙ୍କର ବ୍ରହ୍ମ, ପତିତପାବନ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା ପ୍ରମୁଖ ବହୁ ଆଇନ୍‌ଜିବୀ ଯୋଗ ଦେଇଥିଲେ।

## ୭ କୋଟି ବ୍ୟୟରେ ନିର୍ମାଣ ହେବ ବସ୍ତା ଜୁଡିସିଆଲ କୋର୍ଟ

**ରାଜଘାଟ ୨୦।୩ (ସମିସ):** ବସ୍ତା ବ୍ଲକ ବାହାର୍ଦା ପଞ୍ଚାୟତର ପୁନସିତା ପଡ଼ିଆରେ ୭କୋଟି ଅର୍ଥ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଚାର ବିଭାଗୀୟ କୋର୍ଟ ଗୃହର ଆଜି ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରେଜିଷ୍ଟ୍ରାର ରଞ୍ଜନକୁମାର ପ୍ରଧାନ, ମୁଖ୍ୟବକ୍ତା ସିଭିଲ ଜଜ ସିଲଭାସା ବଡଜେନା, ସମ୍ମାନିତ ଅତିଥି କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ତେବେ୨ବର୍ଷ ମଧ୍ୟରେ କୋର୍ଟ ନିର୍ମାଣ କାମ ଶେଷ ହେବ ବୋଲି ଅତିଥି ମାନେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ପ୍ରଣବ ରଞ୍ଜନ ମିଶ୍ର, ପ୍ରମୋଦ କୁମାର ମୁର୍ମୁ, ସୁଶାନ୍ତ କୁମାର ପଟ୍ଟନାୟକ, ଅମରସିଂ ମାରାଣ୍ଡି, ସୁଲୋଚନା ପରିଡ଼ା, ଅଲିଭା ସେନାପତି, ଚିତ ସିଂ, ଯୋଗେନ୍ଦ୍ର ପରିଡ଼ା, ଯୋଗେନ୍ଦ୍ର ଜେନା, ସସ୍ମିତା ମଲ୍ଲିକ, ବାଲେଶ୍ୱର ବାର୍ ସଭାପତି ମନୋଜ କୁମାର ନାୟକ, ବସ୍ତା ବାର୍ ଆସୋସେସନ ସଭାପତି ହରିଶଙ୍କର ଜେନା, ସମ୍ପାଦକ ଗୌତମ ମହାନ୍ତି, ଦିପେସ ପାଲ, ପ୍ରଶାନ୍ତ ପଟାୟତ, ବରିଷ୍ଠ ମୋହରୀ ଗଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀପତି ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।




## ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ



**ଜଳେଶ୍ୱର ବ୍ଲକ, ୨୦।୩ (ସମିସ):** ଜଳେଶ୍ୱର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଜଗବନ୍ଧୁ ଜେନା ଯୋଗଦାନ କରିଛନ୍ତି। ଦାୟିତ୍ୱରେ ଥିବା ରେମୁଣା ଗୋଷ୍ଠୀ ଶିକ୍ଷାଧିକାରୀ କାଳିନ୍ଦୀ ସୋରେନଙ୍କ ଠାରୁ ଆଜି ବୁଧବାର ଅପରାହ୍ଣରେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ସୋରେନଙ୍କୁ ପୁଷ୍ପଗୋଛ ଦେଇ ତାଙ୍କ ପୂର୍ବ ସ୍ଥାନକୁ ଫେରାଇ ଦିଆ ଯାଇଛି ଏବଂ ନବାଗତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ତାଙ୍କ ଠାରୁ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଆଶା କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବିଆରସିସି ସୁଶାନ୍ତ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜ୍ୟୋସ୍ନା ରାଣୀ ପ୍ରଧାନ, ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା, ପାଇକସିଦା କ୍ଲଷ୍ଟରର ପ୍ରାକ୍ତନ ସିଆରସିସି ରାମଚନ୍ଦ୍ର ଜେନା, ସିଆରସିସି ସୁବେଶ ଚନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ନାଥ ଦଳାଇ, ଗୌରହରି ପରିଡ଼ା, ସୁବ୍ରତ କୁମାର ସେନାପତି, ମୀନାରାଣୀ ପରିଡ଼ା, ଶିକ୍ଷକ ରଞ୍ଜନ କୁମାର ବେହେରା, ପ୍ରଦୀପ କୁମାର ଜେନା, ରାଜେନ୍ଦ୍ର ନାୟକ, ସୁଶାନ୍ତ କୁମାର ଦାସ, ଦେବେନ୍ଦ୍ର ନାଥ ସାହୁ ସମେତ ସମସ୍ତ ଅଫିସ କର୍ମଚାରୀ ଉପସ୍ଥିତ ଥିଲେ।

## ବାଲିଆପାଳରେ ବିଶ୍ୱ ପଖାଳ ଦିବସ ପାଳିତ

**ବାଲିଆପାଳ, ୨୦।୩ (ସମିସ) :** ବାଲିଆପାଳ ବ୍ଲକ ଖାଳଡିହା ଗ୍ରାମସ୍ଥିତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ବାସଭବନରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଲେଖକ କବି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ କବି ବ୍ରଜେନ୍ଦ୍ର ନାଥ ଗିରି, ସମ୍ମାନୀତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ନିଶାକର ସେଠୀ ପ୍ରମୁଖ ଯୋଗ ଦେଇ ପଖାଳ ଦିବସର ମହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମାଜସେବୀ ବ୍ୟୋମକେଶ ସାହୁଙ୍କ ସଂଯୋଜନାରେ କବି ସରୋଜ କୁମାର ଦାସ, ସ୍ନେହଲତା ନାୟକ, ସୁଜାତା ରଣା, ଭୀମ ଚରଣ ବେହେରା, ସଚୀନ୍ଦ୍ର ନାଥ ନନ୍ଦୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ମାମିଲତା ବେହେରା, ମିତାରାଣୀ ପାଣିଗ୍ରାହୀ, ଗୀତାସାହୁ, ପୂର୍ଣ୍ଣଚନ୍ଦ୍ର ଦାସଛାୟାକାନ୍ତ ପାଣିଗ୍ରାହୀ, ସତ୍ୟନାରାୟଣ ନାୟକ, ପ୍ରଫୁଲ୍ଲ କୁମାର ବାଗ, କାଳୀଚରଣ ବେହେରା, ଶାନ୍ତିଲତା ପ୍ରଧାନ, ସାମ୍ବାଦିକ ଅଜିତ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଉମାକାନ୍ତ ନାୟକ ପ୍ରମୁଖ ଭିଜା ଭିଜା ବର୍ଷା ସମୟରେ ପଖାଳ କଂସାର ମିଠା ମିଠା ବାସ୍ନା ନ ଭଜା ତେର ତିଅଣ ସମ୍ପର୍କରେ ଆଲୋଚନା କରିଥିଲେ।



## କାଦୁଅ ପଚପଚ ହିଡ଼ିଗାଁ ରାସ୍ତା

**ବାଲେଶ୍ୱର, ୨୦।୩(ସମିସ):** ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ହିଡିଗାଁ ପଞ୍ଚାୟତର ଗୁଡୁପାହି ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହେଇଥିଲାବେଳେ ଆଇଟିଆର ବାଉଁଡାରି ୱାଲ ଠାରୁ ରାୟପଡ଼ା ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବେହାଲ ହୋଇ ଯାଇଛି। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବାଲେଶ୍ୱର ସହରଠାରୁ ମାତ୍ର ୮ କିଲୋମିଟର ଦୂରରେ ହିଡିଗାଁ ଗ୍ରାମ ପଞ୍ଚାୟତ। ବର୍ଷା ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ ଗୁଡୁପାହି ଗ୍ରାମର ରାସ୍ତା ସମସ୍ୟା ଅତ୍ୟନ୍ତ ଖରାପ ହୋଇଯାଉଛି। ସେହିଭଳି ହିଡିଗାଁ ନିକଟସ୍ଥ ଆଇଟିଆର ବାଉଣ୍ଡାରି ୱାଲରୁ ରାୟାଁପଡ଼ା ଅଙ୍ଗନବାଡି କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯେଉଁ ମାଟି ରାସ୍ତା ରହିଛି ବର୍ଷା ହେଲେ ଏହାର ଚିତ୍ର ବଦଳି ଯାଉଛି। ଆବଶ୍ୟକ ସ୍ଥଳେ ରାସ୍ତାରେ ଆମ୍ବୁଲାନ୍ସ କି ଦମକଳଗାଡି ଗାଁ ଭିତରକୁ ପଶିପାରୁ ନାହିଁ। ପ୍ରାୟ ୧ କିଲୋମିଟର ମାଟି ରାସ୍ତା ଥିବା ଯୋଗୁଁ ଗାଁ ଭିତରକୁ ବର୍ଷା ହେଲେ ଯାନ ବାହାନରେ ଯାତାୟାତ କରିବାକୁ କଷ୍ଟକର ହେଉଛି। ତଥାପି କାଦୁଅ ପଚପଚ ରାସ୍ତାରେ ଯିବା ପାଇଁ ବାଧ ହେଉଛନ୍ତି



ଗ୍ରାମବାସୀ। ବର୍ଷା ହେଲେ ଅଙ୍ଗନବାଡି କେନ୍ଦ୍ରକୁ କୁନି ପିଲାମାନେ ଯାଇପାରନ୍ତି ନାହିଁକି, ହିଡିଗାଁ ସ୍କୁଲକୁ ମଧ୍ୟ ଛାତ୍ରଛାତ୍ରୀ ଯାଆନ୍ତି ନାହିଁ। ଏହି ରାସ୍ତା ଉପରେ ଗମନାଗମନ କରିବା ପାଇଁ ଦୁଇ ଶହରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ରାସ୍ତାଟି ପୂର୍ବରୁ ସଂକୀର୍ଣ୍ଣ ଥିବାବେଳେ ଗ୍ରାମବାସୀ ନିଜେ ଟଙ୍କା ଖର୍ଚ୍ଚ କରି ମାଟି ପକାଇ ଚଉଡା ରାସ୍ତା କରିଥିଲେ। ସବୁଠୁ ବଡ କଥା ହେଉଛି ୧୫ ବର୍ଷ ଧରି ଏହି ରାସ୍ତା ମରାମତି ହୋଇନାହିଁ କିମ୍ବା ପାଛିଏ ମୋରମ ମଧ୍ୟ ପଡ଼ିନାହିଁ। ସମୁଦ୍ର ଉପକୂଳ ବର୍ତି ଗାଁ ହୋଇଥିବାରୁ ପୂର୍ବରୁ ବାତ୍ୟା ପ୍ରଭାବରେ ଗାଁ ଭିତରକୁ ଲୁଣି ପାଣି ମାଡି ରାସ୍ତା ଧୋଇଯାଇଛି। ରାସ୍ତା ମରାମତି ତଥା ପକ୍କା ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଜଣାଇଛନ୍ତି। ହେଲେ କିଛି ସୁଫଳ ମିଳୁନାହିଁ। ଏହି ରାସ୍ତା ନିର୍ମାଣ ନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ହିଡିଗାଁ ସରପଞ୍ଚ ପିତାମ୍ବର ବେହେରା କହିଛନ୍ତି, ଯେଉଁ ମାନେ ରାସ୍ତା ନିର୍ମାଣ ନ ହେବା ବାବଦରେ ଅଭିଯୋଗ କରୁଛନ୍ତି, ସେମାନେ ରାସ୍ତା ପାର୍ଶ୍ୱରୁ ଜବର ଦଖଲ ହଟାଇ ଦେଉନାହାନ୍ତି କାହିଁକି ? ଆଇଟିଆର ବାଉଁଣ୍ଡାରୀ ୱାଲ ପାଖରୁ ରାୟପଡ଼ା ଅଙ୍ଗନବାଡି କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବାପାଇଁ ଟଙ୍କା ଆସି ରହିଛି। ହେଲେ ଜବର ଦଖଲ ଉଚ୍ଛେଦ କରାଯାଇ ପାରୁନଥିବା ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଇ ପାରୁନି ବୋଲି ସରପଞ୍ଚ ଶ୍ରୀ ବେହେରା କହିଛନ୍ତି।

# ଅସରାଏ ବର୍ଷାରେ ସୋର ସହର ଜଳମଗ୍ନ

**ସୋର, ୨୦।୩(ସମିସ):**

ଅସରାଏ ବର୍ଷା ହେଲେ ସୋର ସହରର ଅବସ୍ଥା ଶୋଚନୀୟ ହୋଇପଡେ। ସହରାଞ୍ଚଳର ଅନେକ ୱାର୍ଡ ଜଳମଗ୍ନ ହୋଇଯାଏ। ଯେଉଁଥିପାଇଁ ଲୋକେ ଘରୁ ବାହାରକୁ ବାହାରି ପାରନ୍ତି ନାହିଁ। ଡ୍ରେନେଜ ସମସ୍ୟାରେ ଘାଣ୍ଟି ହେଉଛନ୍ତି ପୌର ବାସୀ। ଆଜି ସକାଳେ ହୋଇଥିବା ବର୍ଷା ଯୋଗୁଁ ପୌରାଞ୍ଚଳ ଘୋଡାସାହି ଗ୍ରାମର କମାଣ ପୁର ଛକ ନିକଟରୁ କୁତୁମୁଖା ପୋଖରୀ ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ବୁଡି ରହିବା ସହିତ ମାଳତୀ ନାୟକ, ସୃଷ୍ଟିଧର ଦାସ, ଅହଲ୍ୟା ବେହେରା, ସତ୍ୟାନନ୍ଦ ସାହୁ ପ୍ରମୁଖଙ୍କ ଘର ଆଗରେ ଡ୍ରେନ ପାଣି ଜମି ରହିବା ସହିତ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଘୋଡ଼ାସାହି କମାଣପୁର ଦୁଇଟି ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି, ମାତ୍ର ଡ୍ରେନରେ ପାଣି ଯାଇ ନପାରିବାରୁ କୃତ୍ରିମ ବନ୍ୟାସୃଷ୍ଟି ହେଉଛି। ଖରା ଦିନରେ ସାମାନ୍ୟ ବର୍ଷା ରେ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଥିବା ବେଳେ ଆଗକୁ ବର୍ଷା ଦିନ ଘରେ ପାଣି ପଶିବା ଥୟ। ପୌର ପାଳିକା ର ୨୦୨୧- ୨୨ ବର୍ଷ ଉନ୍ନତି ଅନୁଦାନରେ ଦୁଇଟି କିସ୍ତି ରେ ବାୟା ନାୟକଙ୍କ ଘର ଠାରୁ ଏନ.ଏ.ସି. ସ୍କୁଲ ପର୍ଯ୍ୟନ୍ତ ୪ ଲକ୍ଷ ୩୫ ହଜାର ଓ ଦଶ ଲକ୍ଷ ଅଣାନବେ ହଜାର ଟଙ୍କା ବ୍ୟୟଅଟକଳ ମୂଲ୍ୟରେ ଡ୍ରେନ ନିର୍ମାଣ ହୋଇଥିଲା। ମାତ୍ର ଡ୍ରେନଟି ସଠିକ ଲେଭୁଲ କରା ନ ଯାଇ ସଠିକ ଭାବେ ନିର୍ମାଣ କରା ଯାଇନଥିବାରୁ ଡ୍ରେନ ପାଣି ନିଷ୍କାସନ ପରିବର୍ତ୍ତେ ଉପର ମୁଣ୍ଡରୁ ପାଣି ଭର୍ତ୍ତି ହୋଇ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଯାହାଫଳ ରେ ଘୋଡ଼ାସାହି କମାଣପୁର ଦୁଇଟି ଗ୍ରାମ ର ଲୋକେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। ଆଗରୁ ଯେଉଁ ବାଟ ଦେଇ ବର୍ଷା ଜଳ ନିଷ୍କାସନ ହେଉ ଥିଲା ସେହି ମାଟି ନାଳ ଗୁଡିକ କିଛି ଲୋକଙ୍କ ବ୍ୟକ୍ତି ଗତ ଜାଗା ଦେଇ ଯାଉଥିବାରୁ ସେମାନେ ଉକ୍ତ ମାଟି ନାଳ କୁ ପୋତି ବନ୍ଦ କରିଦେବା ସହ କନଷ୍ଟ୍ରକ୍ସନ କାମ କରୁଥିବାରୁ ଏଭଳି କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ପୌର ପାଳିକା ତରଫରୁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବର୍ଷାରେ ଜୀବନଜୀବିକା ପ୍ରଭାବିତ

**ବାଲେଶ୍ୱର, ୨୦।୩(ସମିସ):** ବାଲେଶ୍ୱରରେ ଲାଗି ରହିଛି ଲଗାଣ ବର୍ଷା। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଆଜି ଗୋଟିଏ ଦିନରେ ୩୩.୪ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଲଗାଣ ବର୍ଷା ଫଳରେ ଲୋକେ ଘରୁ ବାହାରୁ ନଥିବା ବେଳେ ରିକ୍ସା, ଅଟୋ, ଉଠାଦୋକାନ ସହ ଅନ୍ୟାନ୍ୟ ଛୋଟମୋଟ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଲୋକେ ବେଶ ଅସୁବିଧାରେ ସମ୍ମୁଖିନ ହୋଇଛନ୍ତି। ଏହି ବର୍ଷା ପାଇଁ ସେମାନଙ୍କର ରୋଜଗାର ଏକବାର କମାଇଦେଇଛି। ଯେଉଁଠି କି ସେମାନେ ଦୈନିକ ୫ଶହରୁ ଅଧିକ ଟଙ୍କା ରୋଜଗାର କରୁଥିବା ବେଳେ ଆଜି ୫୦ରୁ ଶହେ ଟଙ୍କା ମଧ୍ୟରେ ରହିଛି। ଏ ନେଇ ଜଣେ ରିକ୍ସା ଚାଳକ ଦିନେଶ ଖାନ କହିଛନ୍ତି ଯେ, ଆଜିର ବର୍ଷା ପାଗ ସମ୍ପୂର୍ଣ୍ଣ ଭାବେ ତାଙ୍କ ବେପାରକୁ ମାନ୍ଦା କରିଦେଇଛି। ତାଙ୍କ ଘରର ୫ଜଣ ସଦସ୍ୟ ରହିଥିବା ବେଳେ ଆଜି ରୋଜଗାର କମ ରହିଥିବାରୁ ସେମାନଙ୍କ ପାଇଁ ଖାଦ୍ୟ ଯୋଗାଡ କରିବା କଷ୍ଟକର। ଅନ୍ୟ ଜଣେ ଅଟୋ ଚାଳକ ବସନ୍ତ ବେହେରା କହିଛନ୍ତି ଯେ, ଆମେ ଅଟୋ ଚଳାଉଛୁ ଲୋକମାନଙ୍କ ପାଇଁ। ହେଲେ ଏହି ଲଗାଣ ବର୍ଷା ହେବା ଦ୍ୱାରା ଲୋକେ ଘରୁ ବାହାରୁ ନଥିବା ବେଳେ ସେମାନଙ୍କ ରୋଜଗାର କମିଛି। ଫାଣ୍ଡି ଛକରେ ଫଳ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବେପାର କମିଛି। ଏମତି ବର୍ଷା ଲାଗି ରହିଲେ ବେପାର ହେବାର ସମ୍ଭାବନା ନାହିଁ ବୋଲି ଅଧିକାଂଶ ବେପାରୀମାନେ କହିଛନ୍ତି।



## ଗ୍ରିଲ୍ କାଟି ସୁନାଗହଣା ଚୋରି



ଚନ୍ଦନେଶ୍ୱର, ୨୦।୩ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ଗ୍ରାମପଞ୍ଚାୟତର ଦେବଧା ଗ୍ରାମର ବିକାଶ କୁମାର ଦାସଙ୍କର ଘରୁ କେହି ଦୁର୍ବୃତ୍ତ ଘରର ଗ୍ରିଲ କାଟି ଘର ଭିତରେ ଥିବା ଆଲମିରା ଭାଙ୍ଗି ନଗଦ ୫ ହଜାର ଟଙ୍କା, ସୁନାଚେନ, ରାଣୀହାର, କାନଫୁଲ, ବ୍ରେସଲେଟ ପ୍ରଭୃତି ଚୋରି କରିଥିବା ଜଣା ପଡ଼ିଛି । ଚୋରି ସାମଗ୍ରୀର ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ବିକାଶ ଦାସ ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ତଦନ୍ତ କରିଥିବା ଜଣାପଡ଼ିଛି ।

## ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍ଯାପିତ



ବଲରାମପୁର, ୨୦।୩(ସମିସ): ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ବାଲିଆପାଳ ବ୍ଲକ ଶିଳ୍ପବିକାଶ ଅଧିକାରୀ କ୍ଷିତିଶ କୁମାର ପଣ୍ଡାଙ୍କ ପରିଚାଳନାରେ ବାଲିଆପାଳ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଲିମ କେନ୍ଦ୍ର ପରିସରରେ ୧୨ ଦିନିଆ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଉଛି । ବାଲିଆପାଳ ବ୍ଲକ ଶିଳ୍ପ ଅଧିକାରୀ ଶ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ (ଜିଏମ) ପ୍ରଣବ କୁମାର ନାୟକ ଯୋଗଦେଇ କହିଥିଲେ ଯେ ଏହି ତାଲିମ ନେବା ପରେ ଯୁବକ ଯୁବତୀ ମାନେ ବ୍ୟାଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ଋଣ ନେଇ ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବରେ ପ୍ରତିଷ୍ଠିତ କରାଇ ପାରିବେ ସେ ଦିଗରେ ଉଦ୍ୟମ ଜାରି ରଖିବା ଉଚିତ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅଜୟ କୁମାର ସାହୁ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୧୨ଦିନିଆ ଏହି ତାଲିମ କାର୍ଯ୍ୟକ୍ରମ ଗତ ୪ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହୋଇଥିଲା । ତାଲିମର ଉଦଯାପନ ଦିବସରେ ତାଲିମ ଗ୍ରହଣ କରିଥିବା ୩୫ ଜଣ ଯୁବକ ଯୁବତୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

### କୃଷକ ସାଥୀଙ୍କୁ ସରପଞ୍ଚ ପ୍ରତିନିଧିଙ୍କ ଆକ୍ରମଣ ଘଟଣା

# ଆକ୍ରମଣକାରୀଙ୍କୁ ଗିରଫ ଦାବିକଲା କୃଷକ ସାଥୀ ସଂଘ

ଭୋଗରାଇ, ୨୦।୩ (ସମିସ) :



**କାର୍ଯ୍ୟରେ ଅସହଯୋଗ ସହିତ ଆନ୍ଦୋଳନ ଚେତାବନୀ**

ଭୋଗରାଇରେ ଅଧିକାଂଶ ମହିଳା ସରପଞ୍ଚଙ୍କ ବଦଳରେ ସେମାନଙ୍କ ପ୍ରତିନିଧିଙ୍କ ଚାଲିଛି ହାକିମାତି । ସେମାନଙ୍କ ଏକଚାଟିଆ ମାଲିକାନାରେ ରୂପାନ୍ତରିତ ହୋଇଛି ପଞ୍ଚାୟତ କାର୍ଯ୍ୟାଳୟ। ପଞ୍ଚାୟତର ନିଷ୍ପତ୍ତି ଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟ ପର୍ଯ୍ୟନ୍ତ ସବୁଥିରେ ସେମାନଙ୍କ ଦଖଲ। ଏପରିକି ପ୍ରତିନିଧି ବୋଲାଉଥିବା ସେମାନଙ୍କ ସ୍ୱାମୀ, ଶଶୁର, ଦିଅର, ଦେଢଶୂର ମାନେ ସରପଞ୍ଚଙ୍କ ଜାଲ ଦସ୍ତଖତ କରି ସମସ୍ତ ସରକାରୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ମହିଳା ସରପଞ୍ଚ ମାନେ କେବଳ ମାତ୍ର ପଞ୍ଚାୟତ ବୈଠକରେ ଉପସ୍ଥିତ ରହୁଥିଲା ବେଳେ ସେମାନଙ୍କ ପ୍ରତିନିଧି ମାନେ ପାଖ ଚେୟାରରେ ବସି ସମସ୍ତ ନିଷ୍ପତ୍ତି ନେଉଛନ୍ତି। ଏପରିକି ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସରପଞ୍ଚ ବୋଲି ଦାବି କରୁଥିବା ବହୁ ନଜିର ରହିଛି। ଏଭଳି ସମୟରେ ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଚନ୍ଦନ କୁମାର ପାତ୍ର (ଟିଙ୍କୁ) ସର୍ବସାଧାରଣରେ ନିଜକୁ ସରପଞ୍ଚ ଭାବେ ପ୍ରତିପାଦିତ କରି ସମସ୍ତ କ୍ଷମତାର କେନ୍ଦ୍ର ସାଜିବା ଏବଂ ତାଙ୍କର ବେଆଇନ ତଥା ଗୁଣ୍ଡାଗର୍ଦ୍ଦି କାର୍ଯ୍ୟକଳାପ ସମସ୍ତ ସୀମା ଅତିକ୍ରମ କରିଛି। କାର୍ଯ୍ୟରତ ଜନୈକ କୃଷକ ସାଥୀ ଦୀପକ କୁମାର ଭଞ୍ଜଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିନେଇ ଧମକ ଚମକ ଦେବା ଓ ମରଣାନ୍ତକ ଆକ୍ରମଣ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ମାମଲା ରୁଜୁ କରି ପୁଲିସ ଚୁପ ବସିଥିଲା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆକ୍ରମଣକାରୀ ଚନ୍ଦନ କୁମାର ପାତ୍ରଙ୍କୁ ଗିରଫ କରିବା ଦାବିରେ ଭୋଗରାଇ ବ୍ଲକ କୃଷକ ସାଥୀ ସଂଘ ପକ୍ଷରୁ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଭୋଗରାଇ ଥାନା ଆଇଆଇସି, ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ଅଧକ୍ଷ ଏବଂ ବ୍ଲକ କୃଷି ସମ୍ପ୍ରସାରଣ ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ନଚେତ କୃଷକ ସାଥୀ ମାନେ କାର୍ଯ୍ୟରେ ଅସହଯୋଗ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୮ ତାରିଖ ସୋମବାର ରାତି ପ୍ରାୟ ୮ ଟା ସମୟରେ ଶ୍ରଦ୍ଧାପୁର ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ସ୍ୱାମୀ/ ପ୍ରତିନିଧି ଚନ୍ଦନ କୁମାର ପାତ୍ର (ଟିଙ୍କୁ) ସେହି ପଞ୍ଚାୟତରେ କାର୍ଯ୍ୟରତ କୃଷକ ସାଥୀ ଦୀପକ କୁମାର ଭଞ୍ଜଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକି ନିଜ ସହଯୋଗୀଙ୍କ ସହିତ ବନ୍ଦ କୋଠରୀରେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହିତ ଏକ ପାଇପରେ ମରଣାନ୍ତକ ଆକ୍ରମଣ କରିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୋଗରାଇ ଥାନା ଅଧୀନ ଚନ୍ଦନେଶ୍ୱର ପୁଲିସ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା ବେଳେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ଏହାକୁ ନେଇ ତାତିଛି ଭୋଗରାଇ କୃଷକ ସାଥୀ ସଂଘ। ବୁଧବାର ଅପରାହ୍ନରେ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟରେ ସଂଘର ଉପସଭାପତି ଗୁଣାକର ମାଝୀଙ୍କ ପୌରୋହିତ୍ୟରେ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଏସମ୍ପର୍କରେ ସବିଶେଷ ଆଲୋଚନା ହେବା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାରୀ ନିର୍ଦ୍ଦେଶ ମୁତାବକ ୨୦୦୬ ମସିହାରୁ ଭୋଗରାଇର ୫୦ ଟି ପଞ୍ଚାୟତରେ ୫୦ ଜଣ କୃଷକ ସାଥୀ ବିନା ଦରମାରେ କୃଷିର ଉନ୍ନତି ପାଇଁ ଅଦ୍ୟାବଧି କାର୍ଯ୍ୟ କରିଆସୁଛନ୍ତି। ସେମାନେ ଗସ୍ତ ଖର୍ଚ୍ଚ ବାବଦରେ କେବଳ ଅଳ୍ପ କେତେ ଟଙ୍କା ପାଉଥିଲା ବେଳେ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଓ ୱାର୍ଡମେମ୍ବର ମାନଙ୍କ ସହିତ ସୁସମ୍ପର୍କ ରକ୍ଷା କରି ସ୍ଥାନୀୟ ଚାଷୀ ଏବଂ କୃଷିର ଉନ୍ନତି ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛନ୍ତି। ତେବେ ଶ୍ରଦ୍ଧାପୁର ସରପଞ୍ଚଙ୍କ ସ୍ୱାମୀ ଶ୍ରୀ ପାତ୍ର ସେହି ପଞ୍ଚାୟତରେ କାର୍ଯ୍ୟରତ କୃଷକ ସାଥୀ ଶ୍ରୀ ଭଞ୍ଜଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣା ସେମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। କୌଣସି ସରପଞ୍ଚ କିମ୍ବା ତାଙ୍କ ପ୍ରତିନିଧି ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିଲେ କୃଷକ ସାଥୀ ମାନେ ସେଠାକୁ ଯିବେ ନାହିଁ, ମାତ୍ର ଚାଷୀ ମାନଙ୍କୁ ଯେପରି ସହଯୋଗ ଓ ସହାୟତା କରୁଥିଲେ ତାହା ପୂର୍ବବତ ଚାଲୁ ରଖିବେ ଏବଂ ବିଭାଗୀୟ ଅଧିକାରୀଙ୍କ ଲିଖିତ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହାସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆକ୍ରମଣକାରୀ ଶ୍ରୀ ପାତ୍ରଙ୍କୁ ଗିରଫ କରିବା ପାଇଁ ଦାବି କରିଛି ସଂଘ। ଏ ନେଇ ସଂଘ ପକ୍ଷରୁ ଏକ ସ୍ମାରକ ପତ୍ର ଜିଲ୍ଲାପାଳ, ଏସପି, ଭୋଗରାଇ ଥାନା ଆଇଆଇସି, ବିଡ଼ିଓ, ପଞ୍ଚାୟତ ସମିତି ଅଧକ୍ଷ ଏବଂ ବ୍ଲକ କୃଷି ସମ୍ପ୍ରସାରଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ନଚେତ କାର୍ଯ୍ୟରେ ଅସହଯୋଗ ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘର ସମ୍ପାଦକ ବିମଳ କୁମାର ପାତ୍ର ସୂଚନା ଦେଇଛନ୍ତି।

## କୁଣ୍ଡୁଳି ଦୋଳ ମହୋତ୍ସବ ଉଦ୍ଯାପିତ

ବଲରାମପୁର, ୨୦।୩ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ଦୋଳ ପଡ଼ିଆରେ ଚାଲିଥିବା ଦୋଳ ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ସନ୍ଧ୍ୟାରେ ଅଲ୍ ଓଡ଼ିଶା କଳାକାର ଫାଉଣ୍ଡେସନ ଓ ମଞ୍ଜରୀ ଟିଭି ଚ୍ୟାନେଲ ପକ୍ଷରୁ ଆୟୋଜିତ ସଭାରେ ସାମ୍ବାଦିକ ଭୀଷ୍ମ ଚରଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅଲ୍ଓଡ଼ିଶା କଳାକାର ଫାଉଣ୍ଡେସନର ରାଜ୍ୟ ସଭାପତି ସଦାଶିବ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ମଞ୍ଜରୀ ଟିଭି ଚ୍ୟାନେଲର ମୁଖ୍ୟ କୁସୁମ ମଞ୍ଜରୀ ଦାସ, ଅଧ୍ୟାପକ ରମେଶ ଚନ୍ଦ୍ର ସେନାପତି, ଧନେଶ୍ୱର ଦାସ, ଅଜିତ୍ ସାହୁ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ଏପରି ମହୋତ୍ସବ ଆୟୋଜିତ ହୋଲେ ସାମୂହିକ ଭାବରେ ବିକାଶ ହେବାସହ ସମ୍ପର୍କ ଓ ଅର୍ଥନୈତିକ କାରବାର ବୃଦ୍ଧି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍ସବ କମିଟିର ସମ୍ପାଦକ କୁମ୍ଭକର୍ଣ୍ଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜନନୀ ପରିବାର ଓ ଦୋଳ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପରେ ନାଟକ ମଞ୍ଚସ୍ଥ ହୋଇଥିଲା।




## ସାଧାରଣ ନିର୍ବାଚନ ପାଇଁ ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବଲରାମପୁର, ୨୦।୩ (ସମିସ): ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବାଲିଆପାଳ ବ୍ଲକର ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କୁ ନେଇ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଯାଇଛି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧିନରେ ଥିବା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ନିର୍ବାଚନ ଦାୟିତ୍ୱରେ ଥିବା ସ୍କୁଲ ଶିକ୍ଷକ ମାନଙ୍କ ସହିତ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନଙ୍କୁ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବାଲିଆପାଳ ବ୍ଲକ ପରିସରରେ ଥିବା ସଭା ଗୃହରେ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ମେସିନକୁ ପ୍ରଥମେ ଇଲେକ୍ଟ୍ରି ସଂଯୋଗ କରିବା, ଭୋଟର ଲିଷ୍ଟରେ ଭୋଟରର ନାମ ଅଛି କି ନାହିଁ ଚେକ କରିବା, ବାଲଟ ପେପରରେ ସ୍ୱାକ୍ଷର କରିବା, ଇଭିଏମ ମେସିନରେ ସାଧା ପେପର ଲଗାଇବା, ମେସିନରେ ଥିବା ବଟମ ଦବାଇବା ପରେ ସାଉଣ୍ଡ ନହେଲେ ଭୋଟର ଦାତାଙ୍କୁ ବାହାରକୁ ଯିବାକୁ ନଦେବା ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ପାଖା ପାଖି ୭୫୦ ଜଣ ସରକାରୀ କର୍ମଚାରୀ ଏହି ପ୍ରଶିକ୍ଷଣ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୪ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହୋଇଛି। ଏଥିରେ ବ୍ଲକର ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ବ୍ଲକ କର୍ମଚାରୀ ଓ ତହସିଲ କର୍ମଚାରୀ ମାନଙ୍କ ଯୋଗଦାନରେ ଏହି ପ୍ରଶିକ୍ଷଣ ଶେଷ ହୋଇଥିଲା।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ

ଭୋଗରାଇ, ୨୦।୩ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ କୁମାର ଖଟୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏନଏସଏସ ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ପରିଚାଳନା କରିଥିଲେ। ଏନଏସଏସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ କଲେଜ ପରିସର ସମେତ ସ୍ଥାନୀୟ ବିଭିନ୍ନ ଅଞ୍ଚଳ ବୁଲି ସଫେଇ କରିଥଲେ। ଅଧ୍ୟାପକ ବିଜୟ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ପାତ୍ର, ସୁକାନ୍ତ ଶେଖର ପାତ୍ର ଓ ରାଜେଶ ବଟବ୍ୟାଲ, ଅଧ୍ୟାପିକା ଦୀପାଳୀ ମହାନ୍ତି, ରାଜଶ୍ରୀ ଦତ୍ତ, କଲ୍ୟାଣୀ ମାହାନା ଓ ଅଞ୍ଜନା ପଲାଇ, ଡେମନଷ୍ଟ୍ରେଟର ସଞ୍ଜିବ କୁମାର ହାତୀ, ଅଣଶିକ୍ଷକ କର୍ମଚାରୀ ଅଜିତ କୁମାର ପାତ୍ର, ରଞ୍ଜନ କୁମାର ଆଚାର୍ଯ୍ୟ, ଶୁଭେନ୍ଦୁ ନାୟକ, ମହମ୍ମଦ ହନିଫ ଖାଁ, ସୁରେନ୍ଦ୍ର ନାଥ ସାହୁ ଓ ହରିଶଙ୍କର ଦତ୍ତ ସହଯୋଗ କରିଥିଲେ।




### ଉତ୍ତର ବାଲେଶ୍ୱର ଅଞ୍ଚଳରେ ବାଲି ମାଫିଆଙ୍କ ରାଜ

# ସୁବର୍ଣ୍ଣରେଖା ନଦୀରୁ ବେଧଡ଼କ ବାଲି ଚୋରା ଚାଲାଣ

ବାଲେଶ୍ୱର(ଉତ୍ତର), ୨୦।୩(ସମିସ) :



ଉତ୍ତର ବାଲେଶ୍ୱର ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏହି ଅଞ୍ଚଳର ଜୀବନ ରେଖା ଚିରସ୍ରୋତା ସୁବର୍ଣ୍ଣରେଖା ନଦୀ ଉପରେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ପ୍ରତିଦିନ ପ୍ରଶାସନର ଆଖି ଆଢୁଆଳରେ ଲୁଟ ହେଉଛି ଟନ ଟନ ବାଲି। ଅନ୍ୟପକ୍ଷରେ ବାଲି ଉତ୍ତୋଳନ ଯୋଗୁଁ ନଦୀକୂଳ ଖାଉଥିବାରୁ ବିପଦରେ ନଦୀ କୂଳିଆ ଗାଁ। ସେହିପରି ଗାଁ ରାସ୍ତାରେ ଦୃତ ଗତିରେ ବାଲି ବୋଝେଇ ଗାଡି ଯାତାୟାତ କରୁଥିବାରୁ ଘଟୁଛି ଦୁର୍ଘଟଣା।

ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଛୋଟଖାନପୁର, ବଡଖାନପୁର, ବଡ ବଡ଼ାପାଳ, ଜଳେଶ୍ୱର ବ୍ଲକର ଦଳେଇ ସାହି, କୁଁଅପୁର, ରାଜଘାଟ, ଡିପି ପୁର, ଭୋଗରାଇ ବ୍ଲକର ଦହମୁଣ୍ଡା, ଭୋଗରାଇ ଲକ ଇତ୍ୟାଦି ଅଞ୍ଚଳରୁ ଜେସିବି ଲଗାଇ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଓ ଡମ୍ପର ମାଧ୍ୟମରେ ବେଆଇନ ଭାବେ ବାଲି ଉତ୍ତୋଳନ କରି ବାଲି ମାଫିଆ ମାନେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି। ଫଳରେ ନଦୀ କୂଳଖାଇ ଗାଁ ମୁହାଁ ହେଉଛି। ତେଣୁ ନଦୀ କୂଳରେ ଥିବା ଗାଁ ଗୁଡିକ ଉପରେ ଏବେ ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଅପର ପକ୍ଷରେ ଗାଁ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ବାଲି ଗାଡି ଯାତାୟାତ କରୁ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି, ଏନେଇ ପ୍ରତିବାଦ କଲେ ମାଫିଆ ମାନଙ୍କ ନାଲି ଆଖିର ଶିକାର ହେଉଛନ୍ତି ଅଞ୍ଚଳ ବାସୀ। ପୁଲିସ କିମ୍ବା ତହସିଲଦାରଙ୍କୁ ଜଣାଇଲେ ଏହା ଲଘୁ ଖଣିଜ ସମ୍ପଦ ହୋଇଥିବାରୁ ଏହା ଖଣି ବିଭାଗର କହି ନିଜ ଉପରୁ ଦୋଷ ଛଡାଇ ଦେଉଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୯୮୫ ମସିହାରେ ସୁବର୍ଣ୍ଣରେଖା ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସି ଛୋଟଖାନପୁର ଗ୍ରାମଟି ସମ୍ପୂର୍ଣ୍ଣ ଧୋଇ ଯାଇଥିଲା। ଅନେକ ଲୋକ ମୃତ୍ୟୁ ବରଣ କରିଥିଲେ। ସେହି ଭୟ ଲୋକଙ୍କ ମନରୁ ଲିଭି ନଥିବା ବେଳେ ପରବର୍ତ୍ତୀ ସମୟରେ ନଦୀରେ ପୁଣି ବନ୍ୟା ଆସି ଗ୍ରାମର ଅନେକ ଚାଷ ଜମି ନଦୀ ଗର୍ଭରେ ଲିନ ହୋଇଥିଲା। ସେହି ଅଞ୍ଚଳ ବାଲି ଭର୍ତ୍ତି ହୋଇଯାଇଥିଲା। ଫଳରେ ନଦୀର ଗତିପଥ ପରିବର୍ତ୍ତନ ହୋଇଥିଲା। ମାତ୍ର ଏହି ସ୍ଥାନରୁ ଏବେ ବାଲି ଉତ୍ତୋଳନ ଚାଲିଛି। ତେବେ ଏହା ଯଦି ବନ୍ଦ କରା ନ ଯିବ ତାହାହେଲେ ନଦୀ ପାଶ୍ୱର୍ରେ ଥିବା ଗାଁ ମାନଙ୍କ ପ୍ରତି ବିରାଟ ବିପଦ ଆସିବାର ସମ୍ଭାବନା ରହିଛି। ପ୍ରତିବାଦ କଲେ ମାଫିଆ ମାନେ ନାଲି ଆଖି ଦେଖାଇବା ସହିତ ପ୍ରତିବାଦ କରୁଥିବା ବ୍ୟକ୍ତି ମାନଙ୍କୁ ମଦ ମାଂସ ଦେଇ ବଶୀଭୂତ କରି ରଖି ନିଜର ବେପାରକୁ ସୁରୁଖୁରୁରେ ଚଳାଇଛନ୍ତି। ତୁରନ୍ତ ନଦୀର କଙ୍କାପାଳଠାରୁ ଚଢ ବଡ଼ାପାଳ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ବନ୍ଦ କରିବା ସହିତ ପୋଲ ଠାରୁ ବଡଖାନପୁର ପର୍ଯ୍ୟନ୍ତ ନଦିବନ୍ଧରେ ପଥର ପ୍ୟାକିଂ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜଳେଶ୍ୱର ପୁଲିସର ଫ୍ଲାଗମାର୍ଚ୍ଚ



ଜଳେଶ୍ୱର ବ୍ଲକ, ୨୦।୩ (ସମିସ) : ଜଳେଶ୍ୱରର ଆଇନ ଶୃଙ୍ଖଳା ସଚେତନତା ନିମନ୍ତେ ଜଳେଶ୍ୱର ପୁଲିସ ଓ ବିଏସଏଫ ପକ୍ଷରୁ ଜଳେଶ୍ୱରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବାଲେଶ୍ୱର ଏସ୍ପି ସାଗାରିକା ନାଥଙ୍କ ନିର୍ଦ୍ଦେଶ ମୂଳେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ, ବିଏସଏଫ ଯବାନ, ଜଳେଶ୍ୱର ପୁଲିସ, ଜଳେଶ୍ୱର ଗୃହରକ୍ଷୀ ବାହିନୀ, ନାମ୍ପୋ ଫାଣ୍ଡି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଥାନା ନିକଟରୁ ଫ୍ଲାଗମାର୍ଚ୍ଚ ବାହାରି ରାଜପୁର ବସ୍ତୀ ଝାଡେଶ୍ୱରପୁର ବସ୍ତୀ, ଶେଖବାର୍ଡ ମଧ୍ୟ ଦେଇ ପଥରପୁରା, ମାଣିକଚକ, ଶାସନବାର୍ଡ, ବିଦ୍ୟାଧରପୁର ପଞ୍ଚୁଘଣ୍ଟା ଗ୍ରାମ ରାସ୍ତାରେ ଯାଇ ଜେଲରୋଡ ପର୍ଯ୍ୟନ୍ତ ଓ ପୁଣି ପୁରୁଣିଆ ବଜାର ରାସ୍ତାରେ ଥାନା ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରା ଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜଳେଶ୍ୱର ଏସଡିପିଓ ଦିଲ୍ଲିପ କୁମାର ସାହୁ, ଆଇଆଇସି ରଞ୍ଜନ କୁମାର ସେଠୀ, ଏସଆଇ ଚିରଞ୍ଜିବୀ ରାଉତ, ନାମ୍ପୋ ଫାଣ୍ଡି ଅଧିକାରୀ ଫକୀର ପ୍ରଧାନ, ବିଏସଏଫ ଆସିଷ୍ଟାଣ୍ଟ କମାଣ୍ଡର ମନୋରଞ୍ଜନ ନାୟକ, ବିଏସଏଫ ଇନ୍ସପେକ୍ଟର ପ୍ରଦୀପ କୁମାରଙ୍କ ସହ ତିନି ପ୍ଲାଟୁନ ଫୋର୍ସ ସଦଳବଳେ ସଚେତନତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ପୁଲିସ ବାହିନୀ ନିର୍ବାଚନ ଶେଷ ପର୍ଯ୍ୟନ୍ତ ରହି ନିର୍ବାଚନ ର ସମସ୍ତ ପ୍ରକାର କାର୍ଯ୍ୟ ତୁଲାଇବା ଜଳେଶ୍ୱର ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳ ଓ ଜଳେଶ୍ୱର ଏକ ଉତ୍ତେଜନା ପୂର୍ଣ୍ଣ ଅଞ୍ଚଳ ହୋଇ ଥିବାରୁ ସାଧାରଣ ନିର୍ବାଚନରେ କୌଣସି ପ୍ରକାର ଅଘଟଣ ନ ହୁଏ, ତାହାକୁ କଡ଼ା ନଜରରେ ରଖି ସୁରକ୍ଷା ପାଇଁ ପୋଲିସ ପକ୍ଷରୁ କଡ଼ାକଡ଼ି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

ଡିହିରାକୁଳରେ ଫଗୁ ଦଶମୀ ଦୋଳଯାତ୍ରା ଉତ୍ସବ

# ସୁସଜ୍ଜିତ ବିମାନରେ ଦୋଳମଣ୍ଡପକୁ ବିଜେକଲେ ରାଧାମାଧବ

ଉଦଳା ୨୦।୩ (ସମିସ): କପ୍ତିପଦା ଉପଖଣ୍ଡ ଅଧୀନ ଡିହିରାକୁଳ ଗ୍ରାମରେ ୫୪ତମ ଫଗୁ ଦଶମୀ ଦୋଳଯାତ୍ରା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଫଗୁ ଦଶମୀ ତିଥି ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମର ଇଷ୍ଟଦେବ ପ୍ରଭୁ ଗୋପୀନାଥ ଦେବ ଏକ ଆଧାତ୍ମିକ ଶୋଭାଯାତ୍ରାରେ ଗ୍ରାମ ମନ୍ଦିରରୁ ବାହାରି ଦୋଳମଣ୍ଡପକୁ ବିଜେ କରିଥିଲେ। ନାମ ସଂକୀର୍ତ୍ତନ, ଶଙ୍ଖ ଘଣ୍ଟାଘଣ୍ଟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗାଁ ଦାଣ୍ଡ।



ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା, ପୁରୁଷ ଯୋଗ ଦେଇ ଗୋପୀନାଥ ଦେବଙ୍କୁ ଦୋଳମଣ୍ଡପକୁ ଆଣିବା ପରେ ସନ୍ଧ୍ୟା ଆଳତୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗ୍ରାମର ଇଷ୍ଟଦେବଙ୍କ ବିଜେ ପରେ କପ୍ତିପଦା ଉପଖଣ୍ଡ ଏବଂ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ବିଭିନ୍ନ ପ୍ରାନ୍ତରରୁ ସୁସଜ୍ଜିତ ବିମାନ ଯୋଗେ ୯୮ଟି ବିମାନରେ ରାଧାମାଧବ ଦୋଳମଣ୍ଡପକୁ ବିଜେ କରିଥିଲେ। ବୁଧବାର ସକାଳେ ଦୋଳ ମଣ୍ଡପରେ ମଙ୍ଗଳ ଆଳତି ପରେ ଦେବଙ୍କ ସମସ୍ତ ପୂଜାନୀତି ସମ୍ପନ୍ନ କରାଯାଇଥିଲା। ପରେ ବିମାନରେ ପୂଜା ପାଉଥିବା ଯୁଗଳ ଦେବଙ୍କୁ ସର୍ବସାଧାରଣ ଦର୍ଶନ କରିଥିଲେ। ଏହା ପରେ ଦୋଳମଣ୍ଡପରେ ଆରମ୍ଭ ହୋଇଥିଲା ବସନ୍ତରାସ ଉତ୍ସବ। ଏହି ଉତ୍ସବରେ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ଦଳ ରାସ ଉତ୍ସବ ସଂକୀର୍ତ୍ତନ ଗାନ କରିଥିଲେ। ବସନ୍ତ ରାସ ଉତ୍ସବର କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପୃଷ୍ଟିଙ୍କ ପରିଚାଳନାରେ ସଂକୀର୍ତ୍ତନ ଗାନ କରାଯାଇଥିଲା। ସଂକୀର୍ତ୍ତନ ଗାୟକ ରାମଚନ୍ଦ୍ର ପୃଷ୍ଟି, କମଳାକାନ୍ତ ବେହେରା, ମନ୍ମଥ ପୃଷ୍ଟି, ଦୋଳଗୋବିନ୍ଦ ପୃଷ୍ଟି ପ୍ରମୁଖ ବସନ୍ତରାସ ସଂକୀର୍ତ୍ତନ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୋଳଯାତ୍ରା କମିଟିର ସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ ସତ୍ୟପ୍ରିୟ ସାହୁ, ବରିଷ୍ଠ ନାଗରିକ ସୋମନାଥ ପୃଷ୍ଟି, ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି, ଭାଗବତ ପ୍ରେମୀ ସନ୍ତୋଷ କୁମାର ବେହେରା, ସନ୍ତୋଷ କୁମାର ବାଛିନୀ, ସର୍ବେଶ୍ୱର ହାତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳୀର ଗାୟକ, ବାୟକମାନଙ୍କୁ କମିଟି ତରଫରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟପୂଜକ ବିଶ୍ୱନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦୋଳମଣ୍ଡପରେ ଫଗୁ ଖେଳ ଆରମ୍ଭ ହୋଇଥିଲା। ଗ୍ରାମର ସମସ୍ତ ମହିଳା ପୁରୁଷ ଦୋଳମଣ୍ଡପରେ ଏକତ୍ରିତ ହୋଇ ଫଗୁ ହୋଲି ଖେଳିବା ସହିତ ଆନନ୍ଦ ଉଲ୍ଲାସରେ ନାମ ସଂକୀର୍ତ୍ତନ ଗାନ କରିଥିଲେ।



## ଦୋକାନ ଭିତରେ ପଶିଗଲା ବସ୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଠାକୁରମୁଣ୍ଡା, ୨୦।୩(ସମିସ): କରଞ୍ଜିଆରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ଏକ ଘର ଭିତରେ ପଶିଯାଇଥିଲା; ହେଲେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର କେନ୍ଦୁମୁଣ୍ଡିଠାରେ ଥିବା ରାସ୍ତା କଡ଼ ଦୋକାନ ଭିତରକୁ ପଶିଯାଇଥିଲା। ସୂଚନା ଅନୁଯାୟୀ, ପଥସାରଥୀ ନାମକ ଏକ ବସ୍ କରଞ୍ଜିଆରୁ ପ୍ରାୟ ୩୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାଉଥିଲା। ଅପରାହ୍ନରେ ବସଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଦୋକାନ ଭିତରକୁ ପଶି ଯାଇଥିଲା। ଦୁର୍ଘଟଣା ପରେ କରଞ୍ଜିଆ ପୁଲିସ ପହଞ୍ଚି ତଦନ୍ତ କରୁଛି।

## ସତ୍ୟବ୍ରତ ଲୋକ ଜନଶକ୍ତି ପାର୍ଟିର ସାରସକଣା ବିଧାନସଭା ପ୍ରାର୍ଥୀ




ବାରିପଦା, ୨୦।୩(ସମିସ): ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ପକ୍ଷରୁ ସାରସକଣା (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବାରିପଦା ରୋଟାରୀ ଭବନରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଦଳର ରାଜ୍ୟ ସଭାପତି ଚିତ୍ତରଞ୍ଜନ ମଲ୍ଲିକ ଏହି ଘୋଷଣା କରିଛନ୍ତି। ଲୋକ ଜନଶକ୍ତି ପାର୍ଟିର ମୟୂରଭଞ୍ଜ ଜିଲ୍ଲା ସଭାପତି ସତ୍ୟବ୍ରତ ନାଏକ ଏହି ଆସନରୁ ଲଢିବେ। ସାରସକଣା ବ୍ଲକ ପୋଖରିଆ ପଞ୍ଚାୟତର ସାରିଙ୍ଗିସାହିରେ ତାଙ୍କ ଘର। ସେ ୨୦୨୩ରୁ ଲୋକ ଜନଶକ୍ତି ପାର୍ଟିର ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ଉପସଭାପତି ନରସିଂହ ଦେବ ସିରପାଲିଆ, ମହିଳା ମୋର୍ଚ୍ଚା ସଭାପତି ଅନୀତା ନାଏକ, ବାଲେଶ୍ୱର ଜିଲ୍ଲା ସଭାପତି ରଞ୍ଜନ କୁମାର ସାମଲ ଓ ସକ୍ରିୟ କର୍ମୀ ଧୀରେନ୍ଦ୍ର ନାଥ ଭୋଇ ଉପସ୍ଥିତ ଥିଲେ।

## ଛେଳି ଚୋରକୁ ଧରି ନିର୍ଦ୍ଦୁମ ଛେଚିଲେ ସ୍ଥାନୀୟ ଲୋକେ; ଅଭିଯୁକ୍ତ କୋର୍ଟ ଚାଲାଣ

ବୈଶିଙ୍ଗା, ୨୦।୩(ସମିସ): ଜରେ ଛେଳି ଚୋରକୁ ଧରି ନିର୍ଦ୍ଦୁମ ଛେଚିଲେ ସ୍ଥାନୀୟ ଲୋକେ। ପରେ ବୈଶିଙ୍ଗା ପୁଲିସ ପହଞ୍ଚି ଯୁବକକୁ ଉଦ୍ଧାର କରିବା ସହ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଅଭିଯୋଗକାରୀ ଆମ୍ବଗଡ଼ିଆ ଗ୍ରାମର ହେମନ୍ତ କୁମାର ମହାନ୍ତଙ୍କ ଲିଖିତ ଅଭିଯୋଗ ମୁତାବକ ରବିବାର ମଧ୍ୟାହ୍ନରେ ତାଙ୍କ ବୁଢ଼ୀ ମାଆ ପାଖ ବିଲରେ ଛେଳି ଚରାଉ ଥିବାବେଳେ ଏକ ବାଇକରେ ୨ ଜଣ ଯୁବକ ଆସି ପହଞ୍ଚିଥିଲେ। ପରେ ଚରୁଥିବା ଏକ କଳା ରଙ୍ଗର ଖାସିକୁ ଚୋରିକରି ନେଇ ଅଁଳା ରାସ୍ତାରେ ଚମ୍ପଟ ମାରିଥିଲେ। ଶ୍ରୀ ମହାନ୍ତଙ୍କ ମାଆ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ବି ସେମାନେ ଧକ୍କା ଦେଇ ଦ୍ରୁତଗତିରେ ସେଠାରୁ ଖସି ଯାଇଥିଲେ। ପରେ ବୁଢୀମା'ଙ୍କ ଚିତ୍କାର ଶୁଣି ପାଖରେ ଥିବା ଦୁଇଜଣ ଯୁବକ ଏକ ବାଇକରେ ଚୋରମାନଙ୍କ ପିଛା କରିଥିଲେ। ବୈଶିଙ୍ଗା ଉପକଣ୍ଠ ଜାରକା ଛକରେ ଅଟକି ବିକ୍ରି କରିବାକୁ ମସୁଧା କରୁଥିବାବେଳେ ତାଙ୍କୁ ମାଡି ବସିଥିଲେ ଦୁଇଜଣ ଯୁବକ। ପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ନଛପୁରିଆ ଗ୍ରାମର ସରୋଜ ଦଣ୍ଡପାଟ ଓରଫ କାହ୍ନୁକୁ ଏକ ଦଉଡିରେ ବାନ୍ଧି ନିର୍ଦ୍ଦୁମ ଛେଚିଥିଲେ। ଖବରପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଁଛି ଅଭିଯୁକ୍ତ ଚୋରକୁ ଉଦ୍ଧାର କରି ଛେଳିକୁ ଜବତ କରିଥଲା। ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା ପୁଲିସ।

## ବାଦାମପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଇରଙ୍ଗପୁର/ଉପରବେଡା, ୨୦।୩ (ସମିସ): କୁସୁମୀ ବ୍ଲକ ଧାଙ୍ଗୁଡିମୁତା ପଞ୍ଚାୟତ ଅଧୀନ ବାଦାମପାହାଡ଼ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ କଲେଜ ଅଧ୍ୟକ୍ଷ ଡ଼ଃ ବିଭୂତି ଭୂଷଣ ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ପାନେଶ୍ୱରୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟସମ୍ପାଦକ ମହେଶ ଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜ ଅଧ୍ୟାପକ ଡ଼ଃ ରାଜେନ୍ଦ୍ର ଦାସ, ମୁଖ୍ୟ ବକ୍ତା ସାହିତ୍ୟିକ ଲଳିତ ମହାନ୍ତ ଏବଂ ଶିକ୍ଷକ ଦଶରଥ ମହାନ୍ତ, ଅତିଥି ଭାବେ ଧାଙ୍ଗୁଡିମୁତା ସରପଞ୍ଚ ଦିଲ୍ଲୀପ କୁମାର ସୋରେନ, ସିଆରସିସି ବିଦ୍ୟାଧର ବେହେରା, ଅଧ୍ୟାପକ ବିଶ୍ୱଜିତ ହୋତା, ଲକ୍ଷ୍ମଣ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ଼ଃ ସାହୁ ଅତିଥି ପରିଚୟ ଓ ଅଧ୍ୟାପକ ବିଶ୍ୱଜିତ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ



କରାଯାଇଥିଲା। ଅଧ୍ୟାପକ ପ୍ରଭାତ କୁମାର ବରାଳ, ଅଧ୍ୟାପକ ଈଶ୍ୱରଚନ୍ଦ୍ର ମଣ୍ଡଳ, ଦୀନବନ୍ଧୁ ବେହେରା, ଅଧ୍ୟାପିକା ଧରିତ୍ରୀ ଦ୍ୱିବେଦୀ, ସ୍ୱର୍ଣ୍ଣରେଖା ସାହୁ, ସସ୍ମିତା ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସୁମନ୍ତ କୁମାର ଭୋଳ, ସୁକୁରମଣୀ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼ଃ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ସଂସ୍କୃତ ବିଭାଗର କର୍ମଶାଳା

ବାଙ୍ଗିରିପୋଷି, ୨୦।୩(ସମିସ): ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ ଏକ ଅଧିବେଶନରେ ବିଦାୟୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ ଅଜୟ କୁମାର ଗିରି ଅତିଥି ପରିଚୟ ଦେଇଥିଲେ। ବକ୍ତା ରୂପେ ଡଃ. ଶ୍ରୀ ସାହୁ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ନାମ ଆଲୋକିତ କରିବା ପାଇଁ ଉପଦେଶ ଦେଇଥିଲେ। ଏହି



ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ବିଦାୟ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞାନ ଶାକୁନ୍ତଳେ ପ୍ରକୃତି ଚିତ୍ରଣମ୍ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଏହି ଶୀର୍ଷକ ଉପରେ ଆଧାରକରି ଛାତ୍ରଛାତ୍ରୀ ମଧ୍ୟ ନିଜ ନିଜର ଲେଖା ଉପସ୍ଥାପନ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଏକୁନ୍ତାଳାଙ୍କ ଚରିତ୍ରର ମହାନତା ବର୍ଣ୍ଣନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଆଦର୍ଶ ଭାବରେ ଗଢି ତଳିବାର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପ୍ରାଧ୍ୟାପକ ହରିହର ଶଙ୍ଖୁଆ ଛାତ୍ରଛାତ୍ରୀ ମହାବିଦ୍ୟାଳୟର ତଥା ବିଭାଗର ନାମ କିପରି ଅଗ୍ରଗାମୀ କରାଇହେବ ସେ ବିଷୟରେ ଦୃଷ୍ଟିପାତ କରିଥିଲେ। ମୁଖ୍ୟ ପରିପ୍ରେକ୍ଷୀରେ ଗତ ୨୦୨୩ ଶେଷ ସେମିନାର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମାମୁନି ଗିରିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ବିଭାଗ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରମାଣ ପତ୍ର ତଥା ପୁରସ୍କାର ଅତିଥିମାନେ ବଣ୍ଟନ କରିଥିଲେ। ଶେଷରେ ସାଗରିକା ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥବା ବେଳେ ସଭା ପରିଚାଳନା କରିଥିଲେ ଅଧ୍ୟାପକ ପରେଶ ଚନ୍ଦ୍ର ଦାଶ।

## ବି.ବି.ମହାବିଦ୍ୟାଳୟରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ




କୁଳିଅଣା, ୨୦।୩(ସମିସ): କୁଳିଅଣା ବ୍ଲକ ବାଇଗଣବାଡିଆ ସ୍ଥିତ ବି.ବି., ମହାବିଦ୍ୟାଳୟରେ ରେଡ୍ ରିବନ କ୍ଲବ ଓ ରେଡ୍କ୍ରସ ମିଳିତ ସହଯୋଗରେ ଏଡ୍ସ ସଚେତନତା ଉପରେ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ଡ.ସନ୍ଦୀପ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଏଡ୍ସ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ଡ.ରାଜେନ୍ଦ୍ର କୁମାର ଦାସ ଏଚ.ଆଇ.ଭି.ସଂକ୍ରମଣରୁ କିପରି ରକ୍ଷା ପାଇବେ ସେ ନେଇ ଆଲୋଚନା କରିଥିଲେ। ଆକାଉଣ୍ଟ ଅଧିକାରୀ ଡ.ଅଳକାମଞ୍ଜରୀ ଭୂୟାଁ ଯୋଗଦେଇ ବର୍ତ୍ତମାନର ଯୁବ ସମାଜକୁ ଚରିତ୍ର ନିର୍ମାଣ ଉପରେ ଉପଦେଶ ଦେଇଥିଲେ। ଏଡ୍ସ ଉପରେ ହୋଇଥିବା ସ୍ଲୋଗାନ, ଓଡିଆ ପ୍ରବନ୍ଧ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ରେଡ୍ ରିବନ କ୍ଲବର ସଂଯୋଜକ ଡ. ଅନ୍ନପୂର୍ଣ୍ଣା ଧଳ ସ୍ୱାଗତ ଭାଷଣ ଓ ରେଡ୍କ୍ରସ କାଉନସିଲର ପ୍ରମୋଦ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏଥିରେ ଶୁକଦେବ ଗିରି, ଅରୁଣ କୁମାର ବେହେରା, ସୁକଦେବ ଘୋଷ, ସଞ୍ଜୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୟୂରଭଞ୍ଜ ଲୋକସଭା ଓ ୪ ବିଧାନସଭା ପାଇଁ ଏସୟୁସିଆଇର ପ୍ରାର୍ଥୀ ଘୋଷଣା

ବାରିପଦା, ୨୦।୩(ସମିସ): ଆଗାମୀ ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଓ ଲୋକସଭା ପାଇଁ ସୋସାଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ (ଏସୟୁସିଆଇ) ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ମୟୂରଭଞ୍ଜ (ସଂରକ୍ଷିତ) ଲୋକସଭା ଓ ୪ ଟି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ଏସୟୁସିଆଇ ପକ୍ଷରୁ ପ୍ରଥମ ପର୍ଯ୍ୟାୟର ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏ ନେଇ ଏସୟୁସିଆଇର ଓଡ଼ିଶା ସମ୍ପାଦନା ମଣ୍ଡଳୀର ବରିଷ୍ଠ ସଭ୍ୟ ତଥା ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶମ୍ଭୁନାଥ ନାୟକ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଏସୟୁସିଆଇ ପକ୍ଷରୁ ଘୋଷିତ ତାଲିକାରେ ମୟୂରଭଞ୍ଜ ଲୋକସଭା ଆସନରୁ ପ୍ରାର୍ଥୀ ଭାବେ ପୀତାମ୍ବର ନାଏକ, ଯଶିପୁର ବିଧାନସଭା ଆସନରୁ ନୀଳାମ୍ବର ନାଏକ, ସାରସକଣାରୁ ମଧୁସୂଦନ ନାଏକ, ବାଙ୍ଗିରିପୋଷିରୁ ସର୍ଦ୍ଦାର ସିଂ ଏବଂ କରଞ୍ଜିଆରୁ ବାଜୁରାମ ସିଦ୍ଧୁଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଛି। ତେବେ ଅଧିକ ବୟସ କାରଣରୁ ଯଶିପୁର ବିଧାନସଭା କ୍ଷେତ୍ରରୁ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଶମ୍ଭୁନାଥ ନାୟକ ଏଥର ପ୍ରାର୍ଥୀ ହେବେ ନାହିଁ ବୋଲି ସେ ଘୋଷଣା କରିଛନ୍ତି।

## ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର; ଲକ୍ଷାଧିକ ଟଙ୍କା ବକେୟା ଆଦାୟ



ଶୁଳିଆପଦା, ୨୦।୩(ସମିସ): ମଙ୍ଗଳବାର ରାତିରୁ ଲଗାଣ ବର୍ଷା ଲାଗିରହିଛି। ପ୍ରତିକୂଳ ପାଗ ସତ୍ତ୍ୱେ ଟିପିଏନଓଡିଏଲ୍ ଶୁଳିଆପଦା ବିଦ୍ୟୁତ୍ ସେକ୍ସନ ଅଧୀନ ବାଘଡାଠାରେ ଏକ ସଂଶୋଧନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ମାଧ୍ୟମରେ ୭୯ ଜଣ ଉପଭକ୍ତାଙ୍କ ବିଲ୍ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିବା ବେଳେ ମୋଟ ୧ ଲକ୍ଷ ୭୦ ହଜାର ବକେୟା ଆଦାୟ କରାଯାଇଛି। ଡେପୁଟି ମ୍ୟାନେଜର ସତ୍ୟବ୍ରତ ସେଠୀ, ଆସିଷ୍ଟାଣ୍ଟ ମ୍ୟାନେଜର ପଦ୍ମକିଶୋର ଜେନା, ଜୁନିୟର ଆକାଉଣ୍ଟାଣ୍ଟ ଶ୍ରୀକାନ୍ତ ଜେନା, ଓଏଜି ବିଶ୍ୱଜିତା ଧଳ ପ୍ରମୁଖ ବିଲ୍ ସଂଶୋଧନ କରିଥିଲେ।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

କୁଆମରା, ୨୦।୩(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ସିମିଳାବନ୍ଧ ଛକରେ ଥିବା ଏକ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ନେଇ ଉଦଳା ଥାନାରେ ଅଭିଯୋଗ ହୋଇଛି। ଏପରିକି ମନ୍ଦିରର ବ୍ୟବହୃତ ସାମଗ୍ରୀ ମଧ୍ୟ ଦୁର୍ବୃତ୍ତମାନେ ଲୁଟି ନେଇ ପଳାଇଛନ୍ତି। ଗ୍ରାମବାସୀଙ୍କ ତରଫରୁ ଗୋଟିଏ ସ୍ଥାନରେ ଶିବ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ଦୁର୍ଗାଙ୍କ ମନ୍ଦିର ୨୦ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା। ଦୁର୍ବୃତ୍ତମାନେ ଲକ୍ଷ୍ମୀ ନାରାୟଣ ଓ ଦୁର୍ଗାଙ୍କ ସ୍ୱର୍ଣ୍ଣ ମୁକୁଟ, ଚକ୍ଷୁ ଚିତା ଓ ହାର ଏବଂ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଥିବା ପିତ୍ତଳର ରାଧାକୃଷ୍ଣ, ସୀତାରାମ, ହନୁମାନ ମୂର୍ତ୍ତିକୁ ମଧ୍ୟ ନେଇଯାଇଛନ୍ତି ଦୁର୍ବୃତ୍ତ। ଏଥିସହିତ ମନ୍ଦିରରେ ଥିବା କଂସା ଓ ପିତ୍ତଳ ହଣ୍ଡା, ଗରା, ବାଲଟି ଓ ଗ୍ୟାସ ସିଲିଣ୍ଡର ମଧ୍ୟ ଚୋରି ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ବାଲି ଚୋରା ଚାଲାଣ ବେଳେ ଟ୍ରାକ୍ଟର ଜବତ

ବହଳଦା, ୨୦।୩(ସମିସ): ବହଳଦା ଖଡଖାଇ ନଦୀରୁ ବେଆଇନଭାବେ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ପୁଲିସ ଜବତ କରିଛି। ବହଳଦା ତହସିଲଦାର ଭକ୍ତବନ୍ଧୁ ପ୍ରଧାନ ଝରାଡିହି ପଟୁ ସରକାରୀ ଗସ୍ତରୁ ଫେରୁଥିବାବେଳେ କାଙ୍କିଠାରେ ଟ୍ରାକ୍ଟରକୁ ଧରିଥିଲେ। ପରେ ବହଳଦା ଥାନା ଏଏସ ଆଇ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଡ୍ରାଇଭର ସହ ବାଲି ବୋଝେଇ ଟ୍ରାକ୍ଟରକୁ ଥାନାକୁ ଆଣିଥିଲେ।

ମିଶନ ଶକ୍ତି ଦେଇଛି ସ୍ୱତନ୍ତ୍ର ପରିଚୟ

# ଫେଡେରେସନ ସମ୍ପାଦିକାଙ୍କ ଦୁବାଇ ଗସ୍ତ

ବେତନଟୀ, ୨୦।୩(ସମିସ): ବେତନଟୀ ମିଶନଶକ୍ତି ପକ୍ଷରୁ ବ୍ଲକ ଫେଡେରେସନ (ବିଏଲଏଫ) ସମ୍ପାଦିକା କୌଶଲ୍ୟା ମହାନ୍ତ ସୋମବାର ଦୁବାଇଗସ୍ତ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୪ଟି ବ୍ଲକର ଫେଡେରେସନ ସଭାପତି ଏବଂ ସମ୍ପାଦିକା ସୋମବାର ଦୁବାଇ ଗସ୍ତ କରିଥିବା ବେଳେ ଏଥିରେ ସାମିଲ ହୋଇଛନ୍ତି ବେତନଟୀ ବ୍ଲକ ଫେଡେରେସନ ସମ୍ପାଦିକା କୌଶଲ୍ୟା ମହାନ୍ତ। ବେତନଟୀ ଏବଂ ରରୁଆଁ ବ୍ଲକ ଫେଡେରେସନ ସମ୍ପାଦିକାଙ୍କ ସମେତ ବିଜାତଳା ଏବଂ କୁଳିଅଣାର ଫେଡେରେସନ ସଭାପତି ସମେତ ୪ ଜଣ ଦୁବାଇ ଗସ୍ତ କରିଛନ୍ତି। ପୂର୍ବରୁ କିଭଳି ଗାଁ ଗହଳିର ମହିଳା ହାଣ୍ଡିଶାଳରୁ ଦିନ ଆରମ୍ଭ ହୋଇ ସେହି ହାଣ୍ଡିଶାଳରେ ଦିନ ସରିଯାଉଥିବା ବେଳେ ଆଜି କିଭଳି ମିଶନଶକ୍ତି ମାଧ୍ୟମରେ ଗାଁଗହଳିର ମହିଳାମାନେ ଆବଶ୍ୟକ ତାଲିମ୍ ଏବଂ ସରକାରୀ ପ୍ରୋତ୍ସାହନ ପାଇବା ଦ୍ୱାରା କିଭଳି ନିଜନିଜର ଦକ୍ଷତାର ବିକାଶ କରିବା ସହିତ ବିଭିନ୍ନ କ୍ଷେତ୍ରରେ କୁଶଳୀ ହୋଇପାରିଛନ୍ତି ସେନେଇ ସମ୍ୟକ ସୂଚନା ଦେଇଛନ୍ତି। ତେବେ ମିଶନଶକ୍ତି ଆରମ୍ଭ ସମୟରେ ମହିଳାମାନଙ୍କ ନିମନ୍ତେ ବିଶେଷ ସୁବିଧା ସୁଯୋଗ ନ ଥିବାବେଳେ ବର୍ତ୍ତମାନ ସମୟରେ ମହିଳାମଙ୍କୁ କୁଶଳୀ କରିବାଠାରୁ ଆରମ୍ଭକରି ଦକ୍ଷତାର ବିକାଶ କରିବା ପର୍ଯ୍ୟନ୍ତ, ଉଦ୍ୟୋଗପତି କରାଇବାଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ ପୂର୍ବକ ସ୍ୱାବଲମ୍ବୀ କରାଇବା ପର୍ଯ୍ୟନ୍ତ ତଥା ରୋଜାରକ୍ଷମ କରାବା ଠାରୁ ନିଯୁକ୍ତିର ସୁଯୋଗ ସୃଷ୍ଟି ପର୍ଯ୍ୟନ୍ତ ମିଶନଶକ୍ତି



ମାଧ୍ୟମରେ କିଭଳି ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଉବେ ମହିଳାମାନଙ୍କ ପାଇଁ ଉପଲବ୍ଧ ସେନେଇ ଆଲୋକପାତ କରିଥିଲେ। ତେବେ ହାଣ୍ଡିଶାଳରୁ ଦୁବାଇଯାତ୍ରାର ଅନୁଭୂତି ଏବଂ ମିଶନଶକ୍ତି ଦେଇଥିବା ଏକ ସ୍ୱତନ୍ତ୍ର ସାମାଜିକ ପରିଚୟ ପାଇବାର ଅନୁଭୂତିକୁ ବଖାଣିଛନ୍ତି କୌଶଲ୍ୟା ମହାନ୍ତ। ଦୁବାଇ ଗସ୍ତକରି ସେଠାରେ ବସବାସ କରୁଥିବା ଓଡିଆ ଭାଷାଭାଷୀଙ୍କ ସହିତ ଭାବ ବିନିମୟ କରିବେ। ଓଡିଆ ଭାଷା, ସଂସ୍କୃତିର ପ୍ରଚାର, ପ୍ରସାର ସାଙ୍ଗକୁ ନିଆରା ଓଡିଆ ପରମ୍ପରାକୁ ବଜାୟ ରଖିବାରେ ଚେଷ୍ଟିତ ରହିବାକୁ ଏକ ଆଲୋଚନାଚକ୍ର ମଧ୍ୟ ହେବାନେଇ ସୂଚନା ଦେଇଛନ୍ତି। ଦୁବାଇଗସ୍ତ ପୂର୍ବରୁ ଫେଡେରେସନ ସମ୍ପାଦିକା କୌଶଲ୍ୟା ମହାନ୍ତଙ୍କୁ ବେତନଟୀ ସିଡିପିଓ ପାନବତୀ ମୁର୍ମୁ, ମିଶନଶକ୍ତି ବିପିସି ରବୀନ୍ଦ୍ର ଟାନେ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ

ଗୋରୁମହିଷାଣି, ୨୦।୩(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଲେଇଶିଳା ଓ ହାତିଆ ପଞ୍ଚାୟତର ପିଇଓ ଯୋଶବନ୍ତ ସେଠୀଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୩୪ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ସିକେଲସେଲ ରୋଗରେ ପୀଡିତ ଥିଲେ। ରବିବାର ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା; ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ



ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ବମ୍ବେଛକ ପାଖ ଜଳସା ଗ୍ରାମ ରେ। ତାଙ୍କ ଘରେ ବୁଢ଼ୀ ମା, ସ୍ତ୍ରୀ, ୧୦ବର୍ଷର ଝିଅ ଓ ୬ ବର୍ଷର ପୁଅ ଅଛନ୍ତି। ତାଙ୍କ ବିୟୋଗରେ ରାଇରଙ୍ଗପୁର ବ୍ଲକ ତଥା କୁଲେଇଶିଳା, ହାତିଆ ପଞ୍ଚାୟତରେ ଶୋକପ୍ରକାଶ ପାଇଛି। ରାଇରଙ୍ଗପୁର ବ୍ଲକ କର୍ମଚାରୀ ସମେତ କୁଲେଇଶିଳା ସରପଞ୍ଚ ମିଲି ରାଣୀ ସିଂ ଏବଂ ହାତିଆ ସରପଞ୍ଚ ଲାଲ ବାହାଦୂର ସୋରେନ ଶେଷ ଦର୍ଶନ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଯଶିପୁର, ୨୦।୩(ସମିସ): ଯଶିପୁର ବ୍ଲକର ଜାମଦାସାହି ପଞ୍ଚାୟତ ଭୁପୋଡ଼ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତଙ୍କ



ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ଦୀର୍ଘ ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ଯୋଗୁଁ ଶଯ୍ୟାଶାୟୀ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ସୁନାମ ଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

